୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Voö.26 . No.285 Bhubaneswar Saturday December 28 2024 | ୨୬ତମ ବର୍ଷ ସଂଖ୍ୟା-୨୮୫ ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୮, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ନବୀନ ଓ ପାଣ୍ଡିଆନଙ୍କ ଅଡୁଆ ବଢ଼ାଇବ କି ପ୍ରକାଶ ମିଶ୍ରଙ୍କ ପୁସ୍ତକ

ଭୁବନେଶ୍ୱର,୨୭।୧୨(ପି.ଏନ):ପୁଣି ବଢ଼ିପାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ତାଙ୍କ ଖାସ୍ ସହଯୋଗୀ ଭିକେ ପାଣ୍ଡିଆନଙ୍କ ଅଡୁଆ । ବରିଷ୍ଠ ସାମ୍ବାଦିକ ରୁବେନ୍ ବାନାର୍ଜୀଙ୍କ ପୁସ୍ତକ ପରେ ଏବେ ପୂର୍ବତନ ପୁଲିସ ଡିଜି ପ୍ରକାଶ ମିଶ୍ରଙ୍କ ପୁସ୍ତକ ନବୀନ ଓ ପାଣ୍ଡିଆନଙ୍କ ଅଡୁଆ ବଢ଼ାଇପାରେ । ଆସନ୍ତା ଜାନୁୟାରୀ ୧୧ରେ ନୂଆଦିଲ୍ଲୀରେ ଓ ତା'ପୂର୍ବରୁ ଜାନୁୟାରୀ ୭ କିମ୍ବା ୯ତାରିଖରେ ଭୁବନେଶ୍ୱରରେ ଉନ୍ମୋଚିତ ହେବ ପ୍ରକାଶ ମିଶ୍ରଙ୍କ ଲିଖିତ ପୁସ୍ତକ "କମେଡି ଇନ୍ ଖାକି: ଦ ହ୍ୟୁମରସ୍ ମେମୋରିଜ୍ ଅଫ ଏ ପୁଲିସମ୍ୟାନ୍ ?" । ଏହି ପୁସ୍ତକରେ ଶ୍ରୀ ମିଶ୍ର ନିଜର ଆଇପିଏସ୍ କ୍ୟାରିୟରର ବିଭିନ୍ନ ଘଟଣାବଳୀକୁ ବ୍ୟଙ୍ଗାତ୍ମକ ଢଙ୍ଗରେ ଉପସ୍ଥାପନ କରିଥିବା ଜଣାପଡିଛି ।ସୂଚନା ଅନୁସାରେ, ଓଡିଶାର ପୂର୍ବତନ ପୁଲିସ ଡିଜି ତଥା ୧୯୭୭ ବ୍ୟାଚ୍ ଆଇପିଏସ୍ ପ୍ରକାଶ ମିଶ୍ର ନିଜ ପୁସ୍ତକରେ ବିଶେଷକରି ଆଇପିଏସ୍ ଅଫିସର ଭାବେ ବିଭିନ୍ନ ପଦପଦବୀରେ କାମ କରିବାବେଳେ ତାଙ୍କର ଅନୁଭୂତିକୁ ବ୍ୟଙ୍ଗାତ୍ମକ ଢଙ୍ଗରେ ଉଲ୍ଲେଖ କରିଥିବା ଜଣାପଡିଛି । ଜଣେ ସଚ୍ଚୋଟ ପୁଲିସ ଅଫିସର ଭାବେ ପରିଚିତ ଶ୍ରୀ ମିଶ୍ରଙ୍କୁ କିଭଳି ନବୀନ





ପଟ୍ଟନାୟକ ସରକାରରେ ପୁଲିସ ଡିଜି ଭାବେ କାର୍ଯ୍ୟ କରିଥିଲେ । ପ୍ୟାରୀ ମହାପାତ୍ରଙ୍କ ତଥାକଥିତ ମିଡନାଇଟ୍ ଅପରେସନ୍ ପରେ ଶ୍ରୀ ମିଶ୍ରଙ୍କୁ କେନ୍ଦ୍ରୀୟ ଡେପୁଟେସନରୁ ଆଣି ନବୀନ ପଟ୍ଟନାୟକ ୨୦୧୨ ଜୁଲାଇ ମାସରେ ରାଜ୍ୟର ପୁଲିସ ଡିଜି ଦାୟିତ୍ୱ ନ୍ୟସ୍ତ କରିଥିଲେ । କିନ୍ତୁ ୨୦୧୨ ଜୁଲାଇ ମାସରେ ତାଙ୍କୁ ପୁଲିସ ଡିଜି ପଦବୀରୁ ବିଦା କରି ଦୁର୍ନୀତି ମାମଲାରେ ଛନ୍ଦି ଦେଇଥିଲେ । ଏପରି ବିଭିନ୍ନ ଘଟଣାବଳୀକୁ ଶ୍ରୀ ମିଶ୍ର ନିଜ ପୁସ୍ତକରେ ବେଶ୍ ବ୍ୟଙ୍ଗାତ୍ମକ ଢଙ୍ଗରେ ଉପସ୍ଥାପନ କରିଥିବା ଜଣାପଡିଛି । ବିଭିନ୍ନ ପୁଲିସ ଅଫିସରମାନଙ୍କ ସହ କାର୍ଯ୍ୟ କରିବାର ଅନୁଭୂତିକୁ ମଧ ସେ ମଜାଦାର ଢଙ୍ଗରେ ନିଜ ପୁସ୍ତକରେ ସ୍ଥାନିତ କରିଥିବା ସୂଚନା ମିଳିଛି ।ଏହି ପୁସ୍ତକ ସମ୍ପର୍କରେ 'ଓଡିଶା ରିପୋର୍ଟର'କୁ ପ୍ରତିକ୍ରିୟା ଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ, ପୁସ୍ତକଟି ଦିଲ୍ଲୀରେ ଉନ୍ମୋଚିତ ହେବ । ତା'ପୂର୍ବରୁ ଭୁବନେଶ୍ୱରରେ ମଧ ପୁସ୍ତକକୁ ସେ ଉନ୍ମୋଚନ କରାଇବେ । ଏହା ତାଙ୍କର ପୁଲିସ୍ ବିଭାଗରେ କାର୍ଯ୍ୟ କରିବାବେଳେ ଅନୁଭୂତି ଓ ଘଟଣାବଳୀକୁ ସେ ବ୍ୟଙ୍ଗାତ୍ମକ ଶୈଳୀରେ ପୁସ୍ତକରେ ସାମିଲ୍ କରିଥିବା କହିଛନ୍ତି । ତେବେ ପୁସ୍ତକରେ କେଉଁସବୁ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସ୍ଥାନ ପାଇଛି ସେ ସମ୍ପର୍କରେ ଆଗୁଆ କିଛି ସୂଚନା ଦେବାକୁ ଶ୍ରୀ ମିଶ୍ର ମନା କରିଛନ୍ତି

## ସ୍ଥଗିତ ହେଲା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ, ଏହି କାରଣ ହୋଇଥିବା ଚର୍ଚ୍ଚା

ଭୁବନେଶ୍ୱର,୨୭।୧୨(ପି.ଏନ): ଆଉ ଓଡିଶା ଆସିବେନି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ସ୍ଥଗିତ ହେଲା କେନ୍ଦ୍ର ଗୃହମନ୍ତ୍ରୀଙ୍କ ଓଡିଶା ଗସ୍ତ । ଆସନ୍ତାକାଲି ଅର୍ଥାତ୍ ଶନିବାର ଶାହ ଓଡିଶା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହାକୁ ସ୍ଥଗିତ ରଖାଯାଇଛି । ତେବେ କେଉଁ କାରଣ ପାଇଁ ସ୍ଥିଗତ କରାଗଲା ସେନେଇ କୌଣସି ସୂଚନା ମିଳିପାରି ନଥିବା ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଦେହାନ୍ତ ପାଇଁ କାର୍ଯ୍ୟକ୍ରମ ବାତିଲ କରାଯିବ ବୋଲି କୁହାଯାଇଛି ।ତେବେ ପୂର୍ବରୁ ଅମିତ ଶାହଙ୍କ ସମ୍ବଲପୁର ଗସ୍ତକୁ ସ୍ଥଗିତ ରଖାଯାଇଥିବା ବେଳେ ବର୍ତ୍ତମାନ ସମ୍ପୂର୍ଣ୍ଣ



ଓଡିଶା ଗସ୍ତକୁ ସ୍ଥଗିତ ରଖାଯାଇଛି । ତେବେ ଶନିବାର ନଆସି ୨୦୨୫ ମସିହା ପହିଲାରେ ଆସିପାରନ୍ତି । ଜାନୁଆରୀ ପ୍ରଥମ ସପ୍ତାହରେ ଆସିପାରନ୍ତି ଅମିତ ଶାହ । ଭୁବନେଶ୍ୱରରେ କିଛି ବୈଠକ ନେଇ କାର୍ଯ୍ୟକ୍ରମ ରହିଥିବା ବେଳେ ଆସନ୍ତା ୨ କିମ୍ବା ୩ ତାରିଖରେ ଆସି ଯୋଗ ଦେଇପାରନ୍ତି । ପରବର୍ତ୍ତି କାର୍ଯ୍ୟସୂଚୀ ଆସିବା ପରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ବିବରଣୀ ଦିଆଯିବ ।

## ପୁରୀ ସମୁଦ୍ରରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ପୁରୀ,୨୭।୧୨(ପି.ଏନ): ପୁରୀ ସମୁଦ୍ରରେ ଗୁରୁବାର ଗାଧୋଉଥିବାବେଳେ ବରଗଡ଼ ଜିଲାର ଶୁଭ ପାତ୍ର ନାମକ ଯୁବକ ଭାସିଯାଇ ନିଖୋଜ ଥିଲେ। ଶୁକ୍ରବାର ଦିଗବାରେଣୀ ଖୁଣ୍ଟି ନିକଟ ସମୁଦ୍ରରୁ ତାଙ୍କ ମୃତଦେହ ମିଳିଛି ।ସୂଚନା ଅନୁଯାୟୀ, ଶୁଭ ତାଙ୍କ ସାଙ୍ଗମାନବାଣାର୍କ ଆସିଥିଲେ। ତେବେ ତାଙ୍କର ପ୍ରତିଯୋଗିତା ଶୁକ୍ରବାର ଥିବାରୁ ସେ ଗୁରୁବାର ପୁରୀ ବୁଲିବାକୁ ଆସିଥିଲେ। ମଧ୍ୟାହ୍ନ ସମୟରେ ଚକ୍ରତୀର୍ଥ ବେଳାଭୂମି ନିକଟ ସମୁଦ୍ରରେ ସେ ଓ ତାଙ୍କ ସାଙ୍ଗମାନେ ଗାଧୋଉଥିଲେ।ଏହି ସମୟରେ ବଡ଼ ଲହଡ଼ି ମାଡ଼ରେ ଶୁଭ ସମୁଦ୍ର ଭିତରକୁ ଭାସିଯାଇଥିଲେ। ତାଙ୍କ ସାଙ୍ଗମାନେ ଖୋଜାଖୋଜି କରିବା ସହ ସେଠାରେ ଉପସ୍ଥିତ ଲାଇଫ୍ ?ଗାର୍ଡଙ୍କୁ ଜଣାଇଥିଲେ। ପରେ ଲାଇଫଗାର୍ଡ ଏବଂ ଅଗ୍ନିଶମ କର୍ମଚାରୀମାନେ ସମୁଦ୍ରରେ ଖୋଜାଖୋଜି କରିଥିଲେ ମଧ ଶୁଭଙ୍କ ସନ୍ଧାନ ପାଇ ନ ଥିଲେ। ସନ୍ଧ୍ୟା ହୋଇଯିବାରୁ ଶୁକ୍ରବାର ପୁଣି ଖୋଜାଖୋଜି କରାଯାଇଥିଲା। ଏନେଇ ସମୁଦ୍ରକୂଳ ଥାନା ପକ୍ଷରୁ ଶୁଭଙ୍କ ପରିବାର ଲୋକଙ୍କୁ ମଧ ସୂଚନା ଦିଆଯାଇଥିଲା।

## ସୁନ୍ଦରଗଡ଼ରେ ଚାଞ୍ଚଲ୍ୟ: ପାଳପକାଇ ସ୍କୁଟି ସହ ଯୁବକଙ୍କୁ ଜାଳିଦେଲେ

ସୁନ୍ଦରଗଡ଼,୨୭।୧୨(ପି.ଏନ): ପାଳଗଦାରୁ ସ୍କୁଟି ସହ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଛି। ଏଭଳି ଘଟଣା ଘଟିଛି ସୁନ୍ଦରଗଡ ଜିଲା ଲେଫ୍ରିପଡ଼ା ଥାନା ସର୍ଗିପାଲି ନବୋଦୟ ସ୍କୁଲ ନିକଟରେ। ଏକ ବିଲରେ ସ୍କୁଟି ସହିତ ଜନୈକ ବ୍ୟକ୍ତଙ୍କ ପୋଡା କଙ୍କାଳ ପୋଲିସ ଉଦ୍ଧାର କରିଛି। ଗୁରୁବାର ରାତିରେ ସ୍କୁଲ ପଛପଟୁ ଉକ୍ତ ପାଳଗଦା ଜଳୁଥିବା କେତେକ ଲୋକେ ଦେଖିଥିବା ବେଳେ ଶୁକ୍ରବାର ସେଠାରେ ଚାଷ କରୁଥିବା ଜଣେ ଚାଷୀ ବିଲକୁ ଯାଇ ପୋଡା ମୃତଦେହ ଓ ସ୍କୁଟି ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛି। ଏହା ଏକ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏ ନେଇ ପୋଲିସ ମାମଲା ରୁଜୁ କରି ଛାନଭିନ୍ ଚଳାଇଛି।

## ଏଆରଆଇଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର,୨୭।୧୨(ପି.ଏନ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଜିଲା ବୋରିଗୁମ୍ମା ତହସିଲ କୁମୁଲି ସର୍କଲ ଏଆରଆଇ ସୁରେନ୍ଦ୍ର କୁମାର ତନ୍ତିଙ୍କୁ ଭିଜିଲାନ୍ସ ଗିରଫ କରିଛି ।ଗତକାଲି ଭିଜିଲାନ୍ସ ପକ୍ଷରୁ ଏଆରଆଇ ସୁରେନ୍ଦ୍ର କୁମାରଙ୍କ ଘର ସମେତ ୮ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିଲା। ଚଢାଉ ବେଳେ ଏଆରଆଇଙ୍କର ୧୭ ପ୍ଲଟ ସହ ଗୋଟିଏ ୩ ତାଲା ବିଲ୍ଡିଂ ୮୪ ଲକ୍ଷ ଡିପୋଜିଟ୍ ଓ ୧୫୦ ଗ୍ରାମ ସୁନା ଭିଜିଲାନ୍ସ ଜବତ କରିଥିଲା।

## ରାଜଧାନୀରେ ମାତିଛନ୍ତି ଲୁଟେରା: ଘରେ ପଶି ଲୁଟିନେଲେ ୨୦ ଲକ୍ଷ ଟଙ୍କାର ଅଳଙ୍କାର

ଭୁବନେଶ୍ୱର,୨୭।୧୨(ପି.ଏନ): କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଚୋରମାନେ ନିୟମିତ ଭାବେ ଭୁବନେଶ୍ୱରରେ ଫ୍ଲାଟ ଏବଂ ଘରକୁ ଟାର୍ଗେଟ କରୁଛନ୍ତି। ସଦ୍ୟତମ ଚୋରି ଘଟଣାରେ ରାଜଧାନୀ ସୀମାରେ ଥିବା ଧଉଳି ଥାନା ଅଂଚଳରେ ଡକାୟତମାନେ ୨୦ ଲକ୍ଷରୁ ଅଧିକ ମୂଲ୍ୟର ସୁନା ଓ ରୂପା ଅଳଙ୍କାର ଏବଂ ବହୁ ପରିମାଣର ନଗଦ ଟଙ୍କା ନେଇଯାଇଛନ୍ତି ।ଗତକାଲି ରାତିରେ ପରିବାର ଲୋକେ ଅନ୍ୟ ଏକ କୋଠରୀରେ ଶୋଇଥିବା ବେଳେ ଏହି ଘଟଣା ଘଟିଥିଲା। ଅପରାଧୀମାନେ ଏକ ଶୋଇବା ଘର ଝରକା ଦେଇ ଭିତରକୁ ପ୍ରବେଶ କରିବାରେ ସଫଳ ହୋଇଥିଲେ ଏବଂ ଟଙ୍କା, ସୁନା ଆଦି ଅଳଙ୍କାର ଚୋରି କରି ଚୋରି କରି ନେଇଥିଲେ ।ଚୋରମାନେ ତିନୋଟି ହାର, ଦୁଇଟି ଚେନ୍, ପାଂଚଟି ରିଙ୍ଗ, ପାଞ୍ଚଟି କାନଫୁଲ ରିଙ୍ଗ, ପାଞ୍ଚ ଯୋଡା ପାଉଁଜି ଏବଂ ଗୋଟିଏ ଅଣ୍ଟା ବିଛା ଚୋରାଇ ନେଇଛନ୍ତି। ଘର ମାଲିକଙ୍କ ସ୍ତ୍ରୀୟ କହିଛନ୍ତି, "ରାତି ପ୍ରାୟ ୧୨ଟା ବେଳେ ଯେତେବେଳେ ମୋ ପୁଅ ମୋତେ କହିଥିଲେ ଯେ କୌଣସି କାରଣରୁ ସେ ଏକୁଟିଆ ଶୋଇବାକୁ ଭୟ କରୁଛି। ତା'ପରେ ମୁଁ ତାକୁ ମୋ ରୁମକୁ ଆସିବାକୁ କହିଲି। ସକାଳେ ଯେତେବେଳେ ମୁଁ ରୁମ୍ ଯାଇ ଦେଖିଲି ଆଲମିରା ଖୋଲା ଅଛି ଏବଂ ଫାଇଲଗୁଡ଼ିକ ବିଛଣାରେ ଛିନ୍ନଛତ୍ର ହୋଇ ପଡ଼ିଛି। ମୁଁ ସଙ୍ଗେ ସଙ୍ଗେ ଏକ ଆଲାର୍ମ ବଜାଇଲି। ତା'ପରେ ଆମେ ଦେଖିଲୁ ଯେ ଗ୍ରିଲ୍ ଭାଙ୍ଗି ଯାଇଛି। ତା'ପରେ ଆମକୁ ନିଶ୍ଚିତ ହେଇଗଲୁ ଯେ ଆମ ଘର ଚୋରି ହୋଇଛି। "ଅଭିଯୋଗ ଉପର ଧଉଳି ପୋଲିସ ଷ୍ଟେସନର ଏକ ଟିମ୍ ଏକ ସାଇଣ୍ଟିଫିକ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘର ମାଲିକ କହିଛନ୍ତି, ଆମେ ଆଶା କରୁଛୁ ଯେ ପୋଲିସ ସଠିକ୍ ଭାବେ ତଦନ୍ତ କରିବ ଏବଂ ଆମେ ଚୋରି ହୋଇଥିବା ମୂଲ୍ୟବାନ ସାମଗ୍ରୀ ଫେରାଇ ଆଣିବ।

## ଶନିବାର ସକାଳେ କଂଗ୍ରେସ ଭବନରୁ ବାହାରିବ ଅନ୍ତିମ ଯାତ୍ରା, ନିଗମବୋଧ ଘାଟରେ ଶେଷକୃତ୍ୟ



ଭୁବନେଶ୍ୱର,୨୭।୧୨(ପିଏନ):ଦେଶର ଆର୍ଥିକ ସଂସ୍କାରର ପ୍ରମୁଖ ବିଦ୍ଧାଣୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଶେଷକୃତ୍ୟ ଶନିବାର ଅନୁଷ୍ଠିତ ହେବ। ଦିଲ୍ଲୀର ନିଗମବୋଧ ଘାଟ ନିକଟରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ମନମୋହନ ସିଂହଙ୍କ ଅନ୍ତିମ ସଂସ୍କାର କରାଯିବ। ଏହା ପୂର୍ବରୁ ଆଜି ମୋଦି ସରକାରଙ୍କ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ଶୋକ ପ୍ରସ୍ତାବ ପାରିତ ହୋଇଥିଲା। ଏହାପରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ସମେତ ସମସ୍ତ କେନ୍ଦ୍ରମନ୍ତ୍ରୀମାନେ ମହାନ ଆତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ମୁହଁ ଖୋଲିଲେ ବିଜେଡି ନେତ୍ରୀ ପୁଷ୍ପାଞ୍ଜଳି; କହିଲେ- ମୁଁ ଯଦି ନିଜ ରକ୍ଷା କରିପାରିନଥାନ୍ତି, ତାହାହେଲେ ମୋ' ଶାଢୀ ଖୋଲି ଯାଇଥାଆନ୍ତା


ଭୁବନେଶ୍ୱର,୨୭।୧୨(ପି.ଏନ):ଶଙ୍ଖ ଭବନରେ ମୁଖିଆଙ୍କ ଆଗରେ ଦୁଇ ନାରୀ ନେତ୍ରୀଙ୍କ ପିଟାପିଟି ମାମଲା ଏବେ ହାଟରେ ପଡି ଦାଣ୍ଡରେ ଗଡୁଛି। ମାମଲା ଥାନାରେ ପହଞ୍ଚିଥିବା ବେଳେ ଘଟଣା ଘଟିବାର ୨୪ ଘଣ୍ଟା ପରେ ମୁହଁ ଖୋଲିଛନ୍ତି ବରିଷ୍ଠ ବିଜେଡି ନେତ୍ରୀ ପୁଷ୍ପାଞ୍ଜଳି ରଣା। ସିଏ କହିଛନ୍ତି, ମୁଁ ଯଦି ନିଜ ରକ୍ଷା କରିପାରିନଥାନ୍ତି, ତାହାହେଲେ ମୋ' ଶାଢୀ ଖୋଲି ଯାଇଥାଆନ୍ତା ଓ ସାରା ଓଡିଶା ମୋ' ଶରୀର ଦେଖିଥାଆନ୍ତା ।ଶଙ୍ଖ ଭବନରେ ଘଟିଥିବର ମାଡ ଘଟଣାକୁ ନେଇ ଭୁବନେଶ୍ୱର ଜୋନ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ପୁଷ୍ପାଞ୍ଜଳି ରଣା କହିଛନ୍ତି, ମୁଁ ଆଗେ ପ୍ରଥମେ ମାଡ ମାରିନି। ଯାହା ଭିଡିଓରେ ଦେଖାଯାଉଛି, ତାହା ପୂର୍ବରୁ ନିଶ୍ଚିତ କିଛି ଘଟିଥିବ। ଗତ ୨୦ ବର୍ଷ ହେଲା ଜଣେ ମହିଳା ଯଦି ପାଟି ଫିଟାଇନଥିଲା, ଆଜି କାହିଁକି ଫିଟାଇଲା ? ଇପ୍ ?ସିତା, ମଧୁସ୍ମିତା, ମୈଖିତା ଓ ଅନ୍ୟ ୬ ଜଣ ପୁଅ ପିଲା ଆସି ପ୍ରଥମେ ଏଲିନା ଦାସ ଓ ଶିଲୁ ପତ୍ରୀଙ୍କୁ ଧକ୍କା ମାରିଥିଲେ। ତା'ପରେ ମୋ' ଲୁଗା ଭିଡି ଚିରି ଦେଇଥିଲେ। ମୋ' ଚେନ୍ ? ଛିଡାଇ ଦେଇଥିଲେ। ନିଜ ରକ୍ଷା କରିପାରିବାକୁ



ଯାଇ ମୁଁ କରିବା କଥା କରିଛି। ଯଦି କରିନଥାଆନ୍ତି, ତାହାହେଲେ ମୋ' ଶାଢୀ ଖୋଲି ଯାଇଥାଆନ୍ତା। ଆଉ ସାରା ଓଡିଶା ମୋ' ଶରୀର ଦେଖିଥାଆନ୍ତା। ମୋ' ସୁରକ୍ଷା ପାଇଁ ଯାହା ମୁଁ କରିବା କଥା କରିଛି। ସେମାନେ ପ୍ରଥମେ ଆକ୍ରମଣ କରିଛନ୍ତି। ପରେ ସେହି ଘଟଣା ଦେବୀ ଭାଇଙ୍କ ପାଖକୁ ଯାଇଥିଲା। ଭୁଲ୍ ମଗାମଗି ହୋଇଥିଲୁ। ପରବର୍ତ୍ତୀ ସମୟରେ ସେ ଦଳ ଓ ମୋତେ ବଦନାମ କରିବା ପାଇଁ ସହିତ ଭିଡିଓକୁ ମିଡିକୁ ପଠାଇ ଦେଲା। ଏଥିସହ ଥାନାରେ ଏଫ୍ଆଇଆର୍ ଦେଲା। ସିଏ ଯାହା କରିବା କଥା କରନ୍ତୁ ବୋଲି ପୁଷ୍ପାଞ୍ଜଳି କହିଛନ୍ତି।

## ସ୍ୱାସ୍ଥ୍ୟରେ ଉନ୍ନତି ପରେ ମେଡିକାଲରୁ ଡିସଚାର୍ଜ ହେଲେ ଆଡଭାନୀ

ଭୁବନେଶ୍ୱର,୨୭।୧୨(ପି.ଏନ): ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପୂର୍ବ ଅପେକ୍ଷା ବର୍ତ୍ତମାନ ଭଲ ଅଛି। ସ୍ୱାସ୍ଥ୍ୟରେ ଉନ୍ନତି ପରେ ତାଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଛି। ଗତ ଡିସେମ୍ବର ୧୨ ତାରିଖରେ ତାଙ୍କୁ ଦିଲ୍ଲୀର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲର ଆଇସିୟୁରେ ନ୍ୟୁରୋଲୋଜିଷ୍ଟ ଡାକ୍ତର ଭିନିତ ସୁରୀଙ୍କ ତତ୍ତ୍ୱାବଧାନରେ ଆଡଭାନୀଙ୍କର



ଚିକିତ୍ସା ଚାଲିଥିଲା। ୧୪ ଦିନର ଚିକିତ୍ସା ପରେ ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ପରେ ତାଙ୍କୁ ଡିସଚାର୍ଜ କରାଯାଇଛି ।ବିଭିନ୍ନ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଆଡଭାନୀଙ୍କୁ ଚଳିତ ବର୍ଷ ଅଗଷ୍ଟ ମାସରେ ମଧ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ମଧ ସେ ନ୍ୟୁରୋଲୋଜିଷ୍ଟ ଡାକ୍ତର ଭିନିତ ସୁରୀଙ୍କ ତତ୍ତ୍ୱାବଧାନରେ ଥିଲେ। ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବା ପରେ ତାଙ୍କୁ ଡିସଚାର୍ଜ କରାଯାଇଥିଲା। ଏହାର ଏକ ମାସ ପୂର୍ବରୁ, ଜୁନ୍ ୨୬ ରାତିରେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସର ୟୁରୋଲୋଜି ବିଭାଗରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଡକ୍ଟର ଅମଲେଶ ସେଠଙ୍କ ତତ୍ତ୍ୱାବଧାନରେ ଏମ୍ସରେ ଚିକିତ୍ସା କରାଯାଇ ପରଦିନ ତାଙ୍କୁ ଡିସଚାର୍ଜ କରାଯାଇଥିଲା।

## ସରକାରୀ ଜମି ବିକ୍ରିର ହେବ ଯାଞ୍ଚ, ବେଆଇନ ଘର ଭଙ୍ଗାଯିବ: ଜିଲ୍ଲାପାଳ

ଭୁବନେଶ୍ୱର,୨୭।୧୨(ପି.ଏନ): ବେଆଇନ ଘର କରିଥିଲେ ସାବଧାନ୍ । ବେଆଇନ ଘର ହୋଇଥିଲେ ଭଙ୍ଗାଯିବ କହିଲେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ । କଟକ ଧବଳେଶ୍ୱରରେ ସରକାରୀ ଜମି ବିକ୍ରିର ଯାଞ୍ଚଅଚ୍ ହେବ । ଘଟଣାସ୍ଥଳକୁ ଅଧିକାରୀ ଯାଇ ଯାଞ୍ଚ କରିବେ କହିଲେ କଟକ ଜିଲ୍ଲାପାଳ । ଯଦି ଗଫଲାତି ବାହାରେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ସୂଚନା ଦେଇଛନ୍ତି । ଠକାମୀର ଶିକାର ହୋଇଥିଲେ ମଧ ନ୍ୟାୟ ପାଇଁ କାର୍ଯ୍ୟ କରାଯିବ ।



ଠକାମୀର ଶିକାର ହୋଇଥିଲେ ଥାନାରେ ଆସି ଅଭିଯୋଗ କରନ୍ତୁ । କିଛି ବ୍ୟକ୍ତିଙ୍କ ନାମରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଛି । ବେଆଇନ ଭାବେ ଜାଗା କିଣି ଘର କରିଥିଲେ ଉଚ୍ଛେଦ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି ।

## ଜିରୋ ନାଇଟରେ ଚୋରା ମଦ ବିକିଲେ କଡା କାର୍ଯ୍ୟାନୁଷ୍ଠାନ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୨୭।୧୨(ପି.ଏନ): ଆଉ ଦୁଇଦିନ ପରେ ବିଦାୟ ନେବ ପୁରୁଣା ବର୍ଷ । ନୂଆ ବର୍ଷକୁ ଆଗମନ କରିବା ପାଇଁ ସମସ୍ତେ କରିବେ ଜିରୋ ନାଇଟ୍ ସେଲିବ୍ରେସନ । ପାର୍ଟିର ଆସର ସହିତ ଡିଜେ ନାଇଟର ତାଳେ ତାଳେ ଝୁମିବେ ଦର୍ଶକ । ନବ ବର୍ଷ ସେଲିବ୍ରେସନ୍ ବେଳେ ଯେପରି କୌଣସି ଅପରାଧ ନଘଟେ ତା' ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର । ଏନେଇ ଅବକାରୀ ବିଭାଗ ମଧ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି । ନୂଆ ବର୍ଷରେ ଚୋରାମଦ ବିକ୍ରି ହୋଇପାରିବ ନାହିଁ ବୋଲି କହିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।ତେବେ ଚୋରା ମଦ ବିକ୍ରି ଉପରେ



ଅବକାରୀ ବିଭାଗର ନଜର ରହିଥିବା ଅବକାରୀ ମନ୍ତ୍ରୀ । ଜିରୋ ନାଇଟ ପାଇଁ କୌଣସି ଅସ୍ଥାୟୀ ଲାଇସେନ୍ସ ଦିଆଯିବ ନାହିଁ । ଯଦି ଚୋରାରେ ମଦ ବିକ୍ରି ହୁଏ ତାହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିରୋ ନାଇଟ୍ ?ର ଆଳ ଦେଖାଇ କେହି ଚୋରା ମଦ ବିକ୍ରି କରିପାରିବେ ନାହିଁ । ଏନେଇ ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ଜଣାଇ ଦିଆଯାଇଥିବା ବେଳେ ଆଗାମୀ ଜାନୁଆରୀ ଶେଷ ପର୍ଯ୍ୟନ୍ତ କଡାକଡି ଚେକିଂ କରାଯିବ ବୋଲି ଅବକାରୀ ମନ୍ତ୍ରୀ କହିଛନ୍ତି ।









# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି ।

# ପ୍ରସବ କରିବ ରୋବଟ !




ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ସ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥେଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଳରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ଆଲର୍ଜିର କାରଣ, ଲକ୍ଷଣ ଓ ପ୍ରତିକାର

ଆଲର୍ଜିକୁ ଅଧିକାଂଶ ଏକ ସାଧାରଣ ବେମାରି ବୋଲି ଭାବି ନେଇଥାନ୍ତି। ମାତ୍ର ବେଳେ ବେଳେ ଏହି ଆଲର୍ଜି ଶରୀରକୁ ଏଭଳି ଭାବରେ କ୍ଷତି ପହଞ୍ଚାଇଥାଏ ଯେ, ସେଥିରୁ ମୁକ୍ତି ପାଇବା ପାଇଁ ମଣିଷକୁ ନାକେଦମ ହେବାକୁ ପଡ଼ିଥାଏ। ତେବେ ଆଲର୍ଜିକୁ ସାମାନ୍ୟତମ ଅବହେଳା କଲେ ପରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ଆଲର୍ଜି କେତେକ ବ୍ୟକ୍ତିଙ୍କ ନିକଟରେ ବାହ୍ୟ ପରିବର୍ତ୍ତନ ଯୋଗୁଁ ହେଉଥିବା ବେଳେ ଆଉ କେତେକଙ୍କ ପାଇଁ ଏହି ସମସ୍ୟା ବଂଶଗତ କାରଣରୁ



ଦେଖାଦେଇଥାଏ। ସାଧାରଣତଃ ଆଲର୍ଜି ହେଲେ ଚର୍ମରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯାଇଥାଏ। ଦେହ କୁଣ୍ଡାଇ ହୋଇଥାଏ। ବେଳେବେଳେ ଶରୀରରେ ବିରିବିରି ହୋଇ ଫଳି ମଧ ଯାଏ। ଏପରିକି ବାରମ୍ବାର କୁଣ୍ଡାଇ ହେବା ଫଳରେ ଶରୀରରେ ଖଣ୍ଡିଆ ହୋଇ ରକ୍ତ ବାହାରିଥାଏ, ଯାହା ବାସ୍ତବରେ ଖୁବ୍ ଯନ୍ତ୍ରଣାଦାୟକ। ବର୍ତ୍ତମାନ ପ୍ରଦୂଷିତ ପରିବେଶ ତଥା ନିର୍ଦ୍ଦିଷ୍ଟ କେତେକ ଜିନିଷପତ୍ର ପ୍ରତିକ୍ରିୟାଶୀଳ ହୋଇ ଅନେକଙ୍କ ଠାରେ ଆଲର୍ଜିର ସମସ୍ୟା ଦେଖାଦେଉଛି। ଆଲର୍ଜି ଠାରୁ ଦୂରେଇ ରହିବା ପାଇଁ ନିମ୍ନରେ ଦର୍ଶାଯାଇଥିବା କେତେକ ଦିଗ ପ୍ରତି ଧ୍ୟାନ ରଖିବା ନିତାନ୍ତ ଜରୁରୀ। ଏହାର କାରଣ ହେଉଛି ବିଶେଷକରି ଋତୁ ପରିବର୍ତ୍ତନରେ ଅନିୟମିତତା, ବଂଶାନୁଗତ କାରଣ, ପ୍ରତିକୂଳ ପରିବେଶ ଯୋଗୁଁ ସାଧାରଣତଃ ଆଲର୍ଜି ଦେଖାଦେଇଥାଏ। ବିଶେଷତଃ ଶୀତଦିନେ ବାୟୁମଣ୍ଡଳର ଶୁଷ୍କତା ଯୋଗୁଁ ଅଧିକାଂଶ ଲୋକଙ୍କର ଚର୍ମ ଆଲର୍ଜି ଦେଖାଯାଇଥାଏ। ଏତଦ୍ ବ୍ୟତୀତ ଧୂଳି, ଧୂଆଁ, ମାଟି ଓ ବେଳେବେଳେ ପୋଷା ଜୀବଙ୍କ ସଂସ୍ପର୍ଶରେ ଆସିଲେ ଆଲର୍ଜି ଭଳି ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ। ସମୟେ ସମୟେ ଏଲୋପାଥିକ ଔଷଧ ପ୍ରଭାବ କିମ୍ବା ବଜାରରେ ବିକ୍ରୟ କରାଯାଉଥିବା କିଛି ପ୍ରସାଧନ ସାମଗ୍ରୀର ବ୍ୟବହାର ଆଲର୍ଜିର କାରଣ ହୋଇଥାଏ।

ଏହାର ଲକ୍ଷଣ ହେଉଛି, ଥଣ୍ଡା ହେବା, ବାରମ୍ବାର ଥଣ୍ଡା ହେବା ଆଲର୍ଜିର ଏକ ମୁଖ୍ୟ ଲକ୍ଷଣ ବୋଲି କୁହାଯାଏ। ଏହି ଆଲର୍ଜି ହେଲେ ନାକ କୁଣ୍ଡାଇ ହେବା, ବାରମ୍ବାର ଛିଙ୍କ ହେବ, ନାକରୁ ପାଣି ଗଳିବା, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ ହୋଇଥାଏ।

**ଆଖିର ଆଲର୍ଜି:** କୌଣସି କାରଣବଶତଃ ଆଖିରେ ଆଲର୍ଜି ହେଲେ ଆଖି ଲାଲ ପଡ଼ିଯାଏ, ଆଖିରୁ ପାଣି ବୋହିଥାଏ। ଏଥିସହିତ ଆଖି ଭୀଷଣ ପୋଡ଼ାଜଳା ହେବା ସଙ୍ଗେ ସଙ୍ଗେ କୁଣ୍ଡାଇ ହୋଇଥାଏ।

**ଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ଆଲର୍ଜି:** ମଣିଷ ଶରୀରର ପ୍ରମୁଖ ଅଙ୍ଗ ଫୁସ୍ ଫୁସ୍‌ରେ ଆଲର୍ଜି ହେଲେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ। ବାରମ୍ବାର କାଶ ହୋଇଥାଏ। ଏହି ଆଲର୍ଜି ଯଦି ବେଶୀ ଦିନ ଧରି ଲାଗି ରହେ ତେବେ ଶ୍ୱାସ ରୋଗ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ।

**ଖାଦ୍ୟ ଆଲର୍ଜି :** ଖାଦ୍ୟପେୟରେ ଅନିୟମିତତା ବ୍ୟକ୍ତିଙ୍କ ଠାରେ ବିଭିନ୍ନ ପ୍ରକାର ସଂକ୍ରମଣ ଦେଖାଦେଇଥାଏ।

**ତ୍ୱଚା ଆଲର୍ଜି :** ସବୁ ପ୍ରକାର ଆଲର୍ଜି ମଧ୍ୟରେ ତ୍ୱଚା ଆଲର୍ଜି ବିଶେଷ ଯନ୍ତ୍ରଣାଦାୟକ। ବର୍ଷାଦିନେ ଅଧିକାଂଶ ବ୍ୟକ୍ତିଙ୍କ ଠାରେ ତ୍ୱଚା ଆଲର୍ଜି ଦେଖାଯାଇଥାଏ। ଏ ପ୍ରକାର ଆଲର୍ଜି ହେଲେ ଦେହ ବାରମ୍ବାର କୁଣ୍ଡାଇ ହୋଇ ଫଳିଯାଏ। ବାରମ୍ବାର କୁଣ୍ଡାଇ ହେବା ଦ୍ୱାରା ଶରୀରରେ ଖଣ୍ଡିଆ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥାଏ।

**ସଂପୂର୍ଣ୍ଣ ଶରୀର ଆଲର୍ଜି:** ବେଳେବେଳେ ଆଲର୍ଜି ହୋଇ ସଂପୂର୍ଣ୍ଣ ଶରୀରକୁ କ୍ଷତି ପହଞ୍ଚାଇ ଥାଏ। ଏହାଦ୍ୱାରା ବ୍ୟକ୍ତିଟି ଗମ୍ଭୀର ସମସ୍ୟା ଦେଇ ଗତି କରିଥାଏ। ଏଭଳି ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର। ଏଲୋପାଥିକ ଔଷଧ କିଛି ଏଲୋପାଥିକ ଔଷଧ ଯୋଗୁଁ ମଧ ଆଲର୍ଜି ହୋଇଥାଏ। ବେଳେବେଳେ ପେନ୍‌ସିଲିନ୍ ଇଞ୍ଜେକସନର ପ୍ରତିକ୍ରିୟା ଯୋଗୁଁ ଆଲର୍ଜି ହୋଇଥାଏ। ଏଭଳି ଆଲର୍ଜି ଯୋଗୁ ବ୍ୟକ୍ତିକୁ ମୃତ୍ୟୁର ସାମ୍ନା କରିବାକୁ ପଡ଼ିଥାଏ। ଏତଦ୍ ବ୍ୟତୀତ ପେନ୍‌କିଲର ଓ କେତେକ ଆଣ୍ଟିବାୟୋଟିକ ଔଷଧ ମଧ୍ୟ ଆଲର୍ଜିର କାରଣ ହୋଇଥାଏ। ମହୁମାଛି ଓ ବିରୁଡ଼ି କାମୁଡ଼ିବା ଦ୍ୱାରା ମଧ୍ୟ ଆଲର୍ଜି ହୋଇଥାଏ।

**ଆଲର୍ଜିର ପ୍ରତିକାର:** ଆଲର୍ଜିର ପ୍ରତିକାର ପାଇଁ କିଛି ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ। କେଉଁ କାରଣ ଯୋଗୁଁ ଆପଣ ଆଲର୍ଜିର ଶିକାର ହେଉଛନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଘରର ଆଖପାଖ ସଫା ସୁତୁରା ରଖିବାକୁ ଚେଷ୍ଟା କରନ୍ତୁ। ଅଳିଆ ଆବର୍ଜନା ଜମା କରନ୍ତୁ ନାହିଁ। ଘର ଭିତରକୁ ବାହାରର ଖୋଲାପବନ ଯିବାକୁ ଦିଅନ୍ତୁ। ହଠାତ୍ ଥଣ୍ଡା ବାତାବରଣରୁ ଗରମ ବାତାବରଣ ଓ ଗରମ ବାତାବରଣରୁ ଥଣ୍ଡା ବାତାବରଣକୁ ଯାଆନ୍ତୁ ନାହିଁ। ଗାଡ଼ି ଚଳାଉଥିବା ସମୟରେ ମୁହଁରେ ରୁମାଲ ବାନ୍ଧନ୍ତୁ ଓ ଆଖିରେ କଳା ଚଷମା ପିନ୍ଧନ୍ତୁ। ଦୈନିକ ବ୍ୟବହାର କରୁଥିବା ତକିଆ ଖୋଳ, ବେଡ଼ସିଟ୍, କମ୍ବଳ ଓ ଚାଦର ଇତ୍ୟାଦିକୁ ସମୟ ସମୟେ ଗରମ ପାଣିରେ ଧୋଇ ଦିଅନ୍ତୁ। ଯେଉଁମାନଙ୍କୁ ଶ୍ୱାସପ୍ରଶ୍ୱାସ ସମ୍ବନ୍ଧୀୟ ଆଲର୍ଜି ରହିଛି ସେମାନେ ସକାଳୁ ଖାଲି ପେଟରେ ୧ ଚାମଚ ପାନ ପତ୍ର ରସ ସହିତ ୨ ଚାମଚ ଅଁଳା ରସ ଓ ୧ଚାମଚ ମହୁକୁ ମିଶ୍ରଣ କରି ଦୈନିକ ସେବନ କଲେ ସମସ୍ୟାରୁ ମୁକ୍ତି ମିଳିଥାଏ। ତ୍ୱଚା ଜନିତ ଆଲର୍ଜିର ଉପଚାର ପାଇଁ ପ୍ରତି ବର୍ଷ ମାର୍ଚ୍ଚ ଓ ଅପ୍ରେଲ ମାସରେ ହେଉଥିବା ନିମ୍ବକଢ଼ ଖାଆନ୍ତୁ। ୧୫ରୁ ୨୦ଟି ନିମ୍ବକଢ଼ ସହିତ କଳାମରିଚ ମିଶାଇ ଚୋବାଇ ଖାଆନ୍ତୁ। ଏତଦ୍‌ବ୍ୟତୀତ ହରିଡା ଖଣ୍ଡ ମଧ ତ୍ୱଚା ପାଇଁ ଅତ୍ୟନ୍ତ ଉପଯୋଗୀ। ଆୟୁର୍ବେଦିକ ଚିକିତ୍ସକଙ୍କ ପରାମର୍ଶରେ ଏହାକୁ ଆପଣ ବ୍ୟବହାର କରିପାରିବେ। ମନେରଖନ୍ତୁ ସମସ୍ତ ଚିକିତ୍ସାଗତ କ୍ଷେତ୍ରରେ ସରକାରୀ ବ୍ୟବସ୍ଥାର ସୁଯୋଗ ନେବା ଜରୁରୀ। ସ୍ୱାସ୍ଥ୍ୟଗତ ସମସ୍ୟା ହେଉ ବା ଆଲର୍ଜି ସରକାରଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ଡାକ୍ତରଖାନା, ବଡ଼ଡାକ୍ତରଖାନାର ଚିକିତ୍ସକ ଓ ଚିକିତ୍ସା ସହାୟକଙ୍କ ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ ତୁଟୁକା ବା ଗୁଣିଗାରେଡ଼ି ବିଶ୍ୱାସ ରଖନ୍ତୁ ନାହିଁ।

# ଆମକୁ ଆହୁରି ଆଗେଇବାକୁ ହେବ !

ଇତିମଧ୍ୟରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏଥି ସହିତ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହେବା ସହ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ସାଧାରଣ ଜନତା ମଧ୍ୟରେ ନୂତନ ଉନ୍ମାଦନା ସୃଷ୍ଟି କରିଛି। ଏହା ପ୍ରଧାନମନ୍ତ୍ରୀଙ୍କର ଏକ ଅଭିନବ ପଦକ୍ଷେପ କହିଲେ ଭୁଲ୍ ହେବ ନାହିଁ। ଏହି ଅବସରରେ ଆସନ୍ତା ୨୫ବର୍ଷ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଏକ ବିକଶିତ ଆଡ଼କୁ ଆମକୁ ଅଗ୍ରସର ହେବାକୁ ପଡ଼ିବ ବୋଲି କହିବା ସହିତ ଦୁର୍ନୀତି ଏକ ଆବର୍ଜନା, ଏହା ହଟିବା ଜରୁରୀ ବୋଲି ସେ ପୁଣି ଉଦ୍‌ବୋଧନ ଦେଇ କହିଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ଦୁର୍ନୀତି ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ ରୂପେ ଉଭା ହୋଇଛି। ତେଣୁ ଏକ ବିକଶିତ ଭାରତ ପାଇଁ ସହଭାଗିତା ସହ ସମସ୍ତ ନାଗରିକମାନଙ୍କର ସାହାଯ୍ୟ ଓ ସହଯୋଗ ଲୋଡ଼ା। ଏଥିପାଇଁ ନିରନ୍ତ ପ୍ରୟାସର ଆବଶ୍ୟକତା ରହିଛି। ଅଗଣିତ ସଂଗ୍ରାମୀମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ। ଏବେ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପୂର୍ଣ୍ଣ ହୋଇ ୭୬ ବର୍ଷରେ ପଦାର୍ପଣ କରିଛି। ଏହି ସମୟ ମଧ୍ୟରେ ଆମେ ଅଧିକାଂଶ କ୍ଷେତ୍ରରେ ସଫଳତା ହାସଲ କରିଛୁ; ମାତ୍ର ଏପରି ଅନେକ କ୍ଷେତ୍ର ଅଛି; ଯେଉଁଠି ଆମେ ପଛରେ ପଡିଯାଇଛୁ।

ଏହି ସମୟ ମଧ୍ୟରେ ଭାରତ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ହିସାବରେ ସମଗ୍ର ବିଶ୍ୱରେ ନିଜ ପାଇଁ ନିଆରା ପରିଚୟ ସୃଷ୍ଟି କରିପାରିଛି। ଏହା ଆମ ପାଇଁ ଗୌରବର ବିଷୟ। ସେହିପରି ଦୀର୍ଘ ସାତ ଦଶନ୍ଧି ଧରି ଆମେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଆମକୁ ଶାସନକରି ଚାଲିଛୁ। ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ଆମେ ଆମର ଈପ୍‌ସିତ ଲକ୍ଷ୍ୟକୁ ଅନେକାଂଶରେ ପୂରଣ କରି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛୁ। ସବୁଜ ବିପ୍ଳବ ପରେ ଏ ଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛି। ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଛି। ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କଣ୍ଟାଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ. ପ୍ରଯୁକ୍ତିବିଦ୍ୟା ଓ କାରିଗରୀରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ। ଖାଲି ସେତିକି ନୁହେଁ, ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି। ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା. ସଫ୍ଟଓୟାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛି। ଶିଳ୍ପକ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି। ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୩୯ କୋଟିରେ ପହଞ୍ଚିଲାଣି। ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ ପ୍ରତିଶତକୁ ବୃଦ୍ଧି ପାଇଛି। ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ ବର୍ଷରୁ ୬୫ ବର୍ଷକୁ ବୃଦ୍ଧି ପାଇଛି। ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହା ହେଉଛି ଏବେବି ଭାରତରେ ରହୁଛନ୍ତି ପ୍ରାୟ ୩୫କୋଟି ନିରକ୍ଷର, ୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶିକାର ହେଉଥିବା ୪୨ ପ୍ରତିଶତ ଶିଶୁ। ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ ଆମେ ବିଫଳ ହୋଇଛୁ। ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ। ଏପରିକି ସମଗ୍ର ବିଶ୍ୱ ଅପେକ୍ଷା ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ। ଏହାର ମୂଳ କାରଣ ହେଉଛି ଦୁର୍ନୀତି। ବିଡମ୍ବନା ହେଲା ଯେ ଏହି ଦୁର୍ନୀତିର ପରିମାଣ କମୁନି; ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ୧୯୪୮ ମସିହା ଜିପ୍ କିଣା ଦୁର୍ନୀତିଠାରୁ ଆରମ୍ଭ କରି ୨୦୧୧ ମସିହା ଆଦର୍ଶ ହାଉସିଂ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି କାୟା ବିସ୍ତାର କରି ଚାଲିଛି। ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବହୁଚର୍ଚ୍ଚିତ ବ୍ୟାପମ୍ ଦୁର୍ନୀତି। ଖାଲି ସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମି ଥିବା ଲୋକମାନେ। ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ; ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇଦେବା। ସେ ସ୍ୱପ୍ନ ଆଜି ସୁଦୂର ପରାହତ। ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ତମ। ସମ୍ପ୍ରତି ପ୍ରାୟ ୧୩୯ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି। ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନଠାରୁ କମ୍। ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି। ଦିନକୁ ଦିନ ଆମ ମା-ଭଉଣୀମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି। ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା। ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି। ଦୁର୍ନୀତି କଥା ନ କହିବା ଭଲ। ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି। ୫୪ କୋଟି ଯୁବକମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଢିପିଣ୍ଡା ହେଉଛନ୍ତି। ଜାତି ଧର୍ମ ନାମରେ ସାଂପ୍ରଦାୟିକ ଦଙ୍ଗା ଦେଶର ବିଭିନ୍ନ ସ୍ଥାନରେ ଘଟୁଛି। ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁ ଲୋକଙ୍କୁ ଦୁଇଓଳି ପେଟପୁରା ଆହାର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆରମୁହଁ ମାଡି ପାରିଲେନି। ଏହାହିଁ କ୍ଷୋଭର ବିଷୟ।

ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି। ଗୋଟିଏ ଦେଶପାଇଁ ୭୫ ବର୍ଷ କିଛି କମ୍ ନୁହେଁ। ଆମ ପରେ ସ୍ୱାଧୀନତା ପାଇଥିବା ବହୁ ଛୋଟଛୋଟ ଦେଶ ଆଜି ସବୁ କ୍ଷେତ୍ରରେ ଆମଠାରୁ ବହୁ ଆଗରେ। କିନ୍ତୁ ଆମେ ବହୁ ପଛରେ ପଡିଛୁ। ଅଦ୍ୟାବଧି ଆମ ଜନସଂଖ୍ୟାର ୬୮.୮ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ସହରାଞ୍ଚଳରେ ମାତ୍ର ୩୧.୨ ଭାଗ ଲୋକ ବାସ କରନ୍ତି। କିନ୍ତୁ ଅନ୍ୟାନ୍ୟ ବିକଶିତ ଦେଶ ଇଂଲଣ୍ଡରେ ସହରାଞ୍ଚଳରେ ୮୦ ପ୍ରତିଶତ, ଯୁକ୍ତରାଷ୍ଟ୍ର ଆମେରିକାରେ ୭୪ ପ୍ରତିଶତ, ଜାପାନରେ ୭୮ ପ୍ରତିଶତ ଲୋକ ଓ ଦକ୍ଷିଣ କୋରିଆରେ ପ୍ରାୟ ୮୩ ପ୍ରତିଶତ ଲୋକ ସହରାଞ୍ଚଳରେ ବାସ କରନ୍ତି। ଏହାର ପ୍ରମୁଖ କାରଣ ହେଉଛି ଆମ ଦେଶ କୃଷିପ୍ରଧାନ ହୋଇଥିବା ବେଳେ ଏସବୁ ଦେଶ ଶିଳ୍ପପ୍ରଧାନ। ସେଥିପାଇଁ ଆମ ମୁଣ୍ଡପିଛା ଆୟଠାରୁ ସେମାନଙ୍କର ମୁଣ୍ଡପିଛା ଆୟ ବହୁ ଉଚ୍ଚରେ। ଏପରିକି ସେମାନଙ୍କର ଜୀବନଧାରଣର ମାନ ଆମଠାରୁ ବହୁତ ଉନ୍ନତ। ତେଣୁ ଆମ ଦେଶ ବିକାଶମୁଖୀ ଦେଶ ରୂପେ ପରିଗଣିତ। ବିକଶିତ ଦେଶ ହେବା ପାଇଁ ଆମକୁ ଆହୁରି ଅନେକ ବାଟ ଯିବାକୁ ହେବ। ଗୋଟିଏ ପଟେ ସୁପରପାୱାର ସ୍ୱପ୍ନ ଆମେ ଦେଖୁଥିବାବେଳେ ଅନ୍ୟପଟେ ଦୁର୍ନୀତି, ଭ୍ରଷ୍ଟାଚାର, ଦାରିଦ୍ର୍ୟ, ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି। ପରିଣାମସ୍ୱରୂପ, ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ଆମ ଦେଶ ଅବିକଶିତ ଦେଶ ହୋଇ ରହିଛି। ଏହାହିଁ କ୍ଷୋଭର ବିଷୟ।

## ଲର୍ଜି ମଧ୍ୟରେ ତ୍ୱଚା ଆଲର୍ଜି ବିଶେଷ ଯନ୍ତ୍ରଣାଦାୟକ



ଖପ୍ରାଖୋଲ,(ପିଏନ): ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷଣୀୟ କେନ୍ଦ୍ର ର ରାଜ୍ୟସ୍ତରୀୟ ଲୋକାର୍ପଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ ପରେ ଶିକ୍ଷଣୀୟ ମୂଲ୍ୟ ବୋଧ ର ଅଭିବୃଦ୍ଧି ପାଇଁ ଏଚ୍ ଡି ଏଫ୍ ସି ବ୍ୟାଙ୍କ୍ ଓ ଇଣ୍ଡିଆ ଆମେରିକାନ ଫାଉଣ୍ଡେସନ ର ମିଳିତ ଉଦ୍ୟମ ରେ ଅଧା ରେ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇଁ ବ୍ଲକ୍ ତଥା ଜିଲ୍ଲା ର ବିଦ୍ୟାଳୟ ପିଲାଙ୍କୁ ଆକୃଷ୍ଟ କରିବା କୁ ଶିକ୍ଷଣୀୟ କେନ୍ଦ୍ର ମାନ ଆରମ୍ଭ ହୋଇଥିବା ବେଳେ ତାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ଦିଲ୍ଲୀ କା ଲଡ୍ଡୁ...

ଭୁବନେଶ୍ୱରର ସବୁଠାରୁ ଦାମୀ ଆପାର୍ଟମେଣ୍ଟରେ ଘର ମୋର। ମୋ ସ୍ୱାମୀ ଜଣାଶୁଣା ଡାକ୍ତର ଥିଲେ। ସେ ଚାଲିଯିବା ଦଶ ବର୍ଷ ହେଲାଣି କିନ୍ତୁ ଆମର ପିଲା ଛୁଆ ନଥାଇ ବି, ଡାକ୍ତର ପାତ୍ର ମୋ ଭବିଷ୍ୟତ ସୁରକ୍ଷିତ କରିବାରେ କେତେ ଯେ ନିପୁଣ ମୁଁ ଏବେ ବି ଭାବି ଆଶ୍ଚର୍ଯ୍ୟ ହୁଏ। ମୁଁ ତାଙ୍କ ଦୁର ସମ୍ପର୍କୀୟ ହେବି, ପାରିବାରିକ ଉତ୍ସବରେ ଦେଖା ଆଉ ମୋର ଗ୍ରାଜୁଏସନ ସରୁ ସରୁ କି ବାହାଘର। ଡାକ୍ତର ଜ୍ୱାଇଁ ତ ଘରେ କାହାର କିଛି ଆପତି ବି ନଥିଲା। ମୁଁ ଯେମିତି ଗୋଟିଏ ଝିଅ ସେ ବି ବାପା-ମା’ ଙ୍କର ଗୋଟିଏ ପୁଅ। ବାହାଘର ବହୁ ବର୍ଷ ଆମେ କେତେ ଡାକ୍ତର ପାଖକୁ ଯାଇଥିଲୁ ପିଲାଟେ ଲାଗି। ସେ ମତେ ବହୁଥର କହୁଥିଲେ ଅନାଥ ଆଶ୍ରମରୁ ପିଲାଟେ ଆଣିଲେ ହୁଅନ୍ତାନି! ମୁଁ କିନ୍ତୁ ଜମା ରାଜି ହୁଏନା, ତାଙ୍କୁ ଡରାଏ ଦେଖୁନ ଆମ ବାପା-ମା ଅନ୍ତେ କିଏ ଅଛି ଆମ ସୁଖ ଦୁଃଖରେ ଠିଆ ହେବାକୁ। ଆମେ ତ ଆସି ପଇଁଚାଳିଶ ଡେଇଁଲେଣି ପିଲାଟେ ଆଣି ବଡ କରିଥିବା କି ନାହିଁ ଜୀବନ ସରିବ ଆଉ ନିଜ ପିଲା ନିଜର, ପରକୁ ଯେତେ ଆପଣା କଲେ ସେ କ’ଣ କେବେ ଆମର ହେବ! ତା’ପରେ ସେ ତାଙ୍କ କ୍ଲିନିକ୍ ଆଉ ମୁଁ ଆମ ସୋସାଇଟି ସେକ୍ରେଟାରୀ ଭାବେ କିଟି ପାର୍ଟି, ଗେଟ୍ ଟୁଗେଦରରେ ବ୍ୟସ୍ତ। ହଠାତ୍ ସବୁଥିରେ ନିଜକୁ ମ୍ୟାନେଜ କରି ଖୁସି ରହୁଥିବା ବେଳେ ହାର୍ଟ ଆଟାକ୍‌ରେ ସେ ଚାଲିଗଲେ। କେତେ କ’ଣ ପଲିସି ମାନ କରି ଯାଇଥିଲେ ଯେ ମତେ ଚଳିବା ଲାଗି ଅଭାବ ନଥିଲା। ବାସ୍ ବୟସ ବଢ଼ିବା ସହ ସୋସାଇଟ୍‌ର ଲୋକମାନେ ବି ଯେଝା ପିଲା ନାତି କାମରେ ବ୍ୟସ୍ତ ରହୁଥିଲେ। ଆଉ ମୁଁ ଏକୁଟିଆ ଘଣ୍ଟା ଘଣ୍ଟା ସୁଇମିଙ୍ଗ୍ ପୁଲ୍ ପାଖେ ଏକଲା ବସି ଦେଖେ, ସେ ପାଖ କରି ବାବୁଙ୍କ ସ୍ତ୍ରୀ ଆଣ୍ଠୁ ଖରାପ ତଥାପି ଦୁଇ ନାତିଙ୍କୁ ଜଗି ବସନ୍ତି ସେମାନେ ପାଣିରେ ଖେଳିଲା ବେଳେ। ଆଉ ମୁଁ ସୁଲୁସୁଲିଆ ପବନ ଖାଇ ମୋବାଇଲ୍‌ରେ ଖେଳୁଥାଏ, କଣେଇ କଣେଇ ଦେଖେ। ସେ କର ବାବୁ ସ୍ତ୍ରୀ ବି ମତେ ଚାହୁଁଥାନ୍ତି। ସେ ମୋ ଭାଗ୍ୟକୁ ଜଳୁଥିବେ..... ଘର କାମ ଲାଗି କାମବାଲିଟେ ଆସେ। ସେ ଆସିଲେ ତାକୁ କପେ ଚା ଦେଇ ମୁଁ ପିଏ। ତାକୁ ପଚାରିଲି ଆରେ ରାନୁ ସେ କର ବାବୁଙ୍କ ଘରୁ କ’ଣ ଏତେ ପାଟି ଶୁଭୁଥିଲା। ସେ କହିଲା ନା’ ମ ମା’ ତାଙ୍କ ବହୁ, ନାତି ଆଜି କର ମାଉସୀ ଜନ୍ମଦିନ ବୋଲି ତାଙ୍କୁ ନ ଜଣେଇ ଘର ସଜେଇ, କେକ୍ ଆଣି ହଠାତ୍ ସରପ୍ରାଇଜ୍ କଲେ ତ ସେଇ ଖୁସି ଗପ ଶୁଣିଥିବେ। ମନଟା ପିତା ହେଇଗଲା, ଭାବିଲି ମୋ ଜନ୍ମଦିନଟା କେବେ ତ ମନେ ବି ପଡୁନି। ମୋର ବା କିଏ ଅଛି ଯେ ମତେ ଖୁସି କରିବାକୁ ଯୋଜନା ମାନ କରିବ। ରାନୁ କହିଲା ମା’ କ’ଣ ଭାବୁଛ ଯେ, ଚା’ ପିଉନ। ମୁଁ ଦୀର୍ଘ ନିଶ୍ୱାସଟେ ପକେଇ କହିଲି ନା’ରେ କର ମାଡାମ୍‌ଙ୍କ ଭାଗ୍ୟ ସେ ଏ ପରିଣତ ବୟସରେ ଏତେ ସୁଖ ପାଉଛନ୍ତି। ରାନୁ ନ ଶୁଣିଲା ପରି ଘର ଝାଡୁ କରିବାରେ ଲାଗି ପଡିଥିଲା, ରାତି ରୋଷେଇ କରି ଟେବୁଲରେ ରଖି ରାନୁ ପଳେଇଲା। ଆଉ ମୁଁ ଟି.ଭି. ଆଗରେ ବସିଲି। ମନ ବୁଝେଇବାକୁ ବାଲକୋନିକୁ ଯାଇ ଆଖ ପାଖ ଘର ବାଲକୋନିକୁ ନଜର ପକେଇଲି। ବିଶ୍ୱାଳ ବାବୁଙ୍କ ବାଲକୋନିରେ ତାଙ୍କ ନାତୁଣୀ ବାଲ୍‌ଟିରୁ ଲୁଗା କାଢ଼ି ଦଉଛି ଆଉ ବିଶ୍ୱାଳ ବାବୁ ତାରରେ ପକାଉଥିଲେ, ଆଉ ଟିକେ ଆଖି ବୁଲେଇଲା ବେଳକୁ ଠିକ୍ ମୋ ଡାହାଣ ପଟ ସୁଜାତା ଆଉ ତା’ ଶାଶୁ ବାଲ୍‌କୋନିରେ ବସିଥିଲେ। ସୁଜାତା ବୋଧେ ମୋବାଇଲ୍ ଘାଣ୍ଟୁଥିଲା ଆଉ ତା’ ଶାଶୁ ଅଟା ଚକଟୁଥିଲେ। ମନେ ମନେ ଭାବିଲି ମୋର ଏତେ ଟଙ୍କା ପଇସା, ଘର ହେଲେ କଥା ପଦେ ହେବାକୁ କେହି ନାହିଁ। ଆମ ବାପା-ବୋଉ ଗୋଟେ ପିଲାରେ ଖୁସି ହେଲେ ଆଗରୁ ପାଞ୍ଚ-ସାତ ପିଲା କେତେ ଭଲ ... ଏ ପ୍ରାପ୍ତ ବୟସରେ କେହି ନା କେହି ତ ସାଥୀରେ ଥାଆନ୍ତା। ସୁଜାତା ଶାଶୁଙ୍କର ଆଖି ମୋ ଆଖିରେ ପଡିଗଲା। ମୁଁ ଭାରି ଲଜ୍ୟା ଅନୁଭବ କଲି କି ଏମିତି ଯା ତା ଘର ଆଡେ ଏ ବୟସରେ ଛି! ଛି! ସେ କ’ଣ ଭାବିଥିବେ। ଆଉ ସେ ମଧ ଭାରି ଅପ୍ରସ୍ତୁତ ଅନୁଭବ କରି ଘର ଭିତରକୁ ଚାଲିଗଲେ। ଏମିତି ମୋର ଦିନ କଟେ। ସକାଳ ମର୍ଣ୍ଣିଂୱାକ୍‌ରୁ ଆରମ୍ଭ ଆଉ ରାତିରେ ଏକଲା କ’ଣ ଟିକେ ଖାଇ ଶୋଇବା କଥା। ରାନୁ ଦିନବେଳୋବି ଘର କାମ ଲାଗି ଆସେ, ସେ ଯେତିକି ସମୟ ଥାଏ ତା ପାଟି ଚୁପ୍ ନଥାଏ, କାମ କରୁ କରୁ ଆମ ଆପାର୍ଟମେଣ୍ଟର ସବୁ ଘର ବିଷୟେରେ ଧାରା ବିବରଣ କରେ। ସେ ଦିନ ମୁଁ ତାକୁ ପଚାରିଲି ରାନୁ ସେ ସୁଜାତା ଚାକିରି କରେ ବୋଲି ତା ଶାଶୁ ବୋଧେ ଘର କାମ କରନ୍ତି? ଆଉ ବିଶ୍ୱାଳ ବାବୁ ବି ଘର କାମରେ ବହୁ, ସ୍ତ୍ରୀଙ୍କ ସାହାଯ୍ୟ କରନ୍ତି ନା। ରାନୁ କହିଲା ମା’ ସୁଜାତା ଦିଦି ଚାକିରି କରନ୍ତି ବୋଲି ମତେ ପା ଘର କାମ ଲାଗି ଲଗେଇଛନ୍ତି, ହେଲେ ବାବୁଙ୍କୁ ଆଉ ତାଙ୍କ ପୁଅକୁ ମା’ ହାତ ରନ୍ଧା ଭଲ ଲାଗେ ବୋଲି ମା ରାତି ରୋଷେଇ ନିଜେ କରନ୍ତି। ଆଉ ବିଶ୍ୱାଳ ବାବୁ ତ ରିଟାୟର୍ଡ ମଣିଷ ସମୟ କାଟିବାର ଆଉ ନିଜକୁ ଫିଟ୍ ରଖିବାର ଉପାୟ ଏଇ ଛୋଟ ମୋଟ ଘର କାମ। ମୁଁ ପୁଣି କହିଲି ରାନୁ ତୁ ଏତେ ଘର କାମ କରି ପୁଣି ତୋ ଘରେ ବି କରୁଥିବୁ ନା! ସେ ଦୀର୍ଘ ନିଶ୍ୱାସ ଟେ ପକେଇ କହିଲା କ’ଣ କରିବି ମା’ ଏତେ ଦରଦାମ୍‌ରେ ସହରରେ ପିଲାଙ୍କ ପଢ଼ା, ଖିଆ ପିଆ ଲାଗି କରିବାକୁ ତ ପଡୁଛି, ଆପଣଙ୍କ ଭଳି ଭାଗ୍ୟ କାହିଁ ଯେ, ହାତକୁ କାମ ନାହିଁ କି ମୁଣ୍ଡକୁ ଚିନ୍ତା ନାହିଁ। ସେ ଯୋଉ ଭୋଜି ହଉଥିଲା ଆପଣଙ୍କ ଆପାର୍ଟମେଣ୍ଟ ବାଲାଙ୍କର, ଆପଣ ତ ବେଗା ବେଗୀ ଫେରି ଆସିଲେ, ସେ କର ବାବୁ ଘର, ସୁଜାତା ଦିଦି ଘର ଆହୁରି ବି କେତେ ଜଣ ପରା ସେଇଆ କଥା ହଉଥିଲେ କି ଡାକ୍ତର ପାତ୍ରଙ୍କ ମିସେସ୍ କି ଭାଗ୍ୟ କରିଛନ୍ତି ଚିନ୍ତା ଦକ ନାହିଁ, ଟଙ୍କା-ପଇସା ଅଭାବ ନାହିଁ। ଆମେ ସବୁ ଯାହା ଛୁଆଙ୍କ ବଡ କରି କରି ବୁଢ଼ି ହେଲେ ଆଉ ଏବେ ପିଲାଙ୍କ ଛୁଆକୁ ବି ଦେଖିବାକୁ ପଡୁଛି। ମୁଁ ବି ଗୋଟେ ଦୀର୍ଘ ନିଶ୍ୱାସଟେ ମାରିଲି। ମନେ ମନେ ଭାବିଲି ଅଦେଖା ଓଉ ଛ’ ଫେଡା। ମୁଁ ଯେ କେମିତି ଏକଲା ଜୀବନ କାଟୁଛି ମୁଁ ଜାଣେ। ଆଉ ସେମାନେ ତ ନାତି-ନାତୁଣୀ ଧରି କେତେ ଖୁସିରେ ରାନୁ ଡାକିଲା ମା’ ବାଲକୋନିରେ ଏ ଗଛ ଗୁଡା ଛାଇରୁ ଖରାପ ହେଇଗଲାଣି, ଆପଣ ବି ଏ ସୋସାଇଟି ପାର୍କରେ ଗଛ ଲଗାନ୍ତୁ, ସମସ୍ତେ ତ ଲଗାଉଛନ୍ତି। ଟିକେ ଗପ ସପ ବି କରି ଆସିବେ। ମୁଁ କିନ୍ତୁ ତାକୁ କହିପାରୁନଥିଲି କି ଏ ଜୀବନ ଟା ଦିଲ୍ଲୀ କା ଲଡୁ..... ମତେ ଲାଗୁଛି ପରିବାର ଧରି ସେମାନେ କେତେ ଖୁସିରେ ଆଉ ତାଙ୍କୁ ଲାଗୁଛି ବିନା ଦାୟିତ୍ୱରେ ମୁଁ କେତେ ଖୁସି.....

## ଦିବ୍ୟାଙ୍ଗ ଅଭିଭାବକ ଓ ଶିକ୍ଷକ ପରାମର୍ଶ ଶିବିର




ଫୁଲନଖରା (ପିଏନ୍)-ବାରଙ୍ଗ ଶିକ୍ଷା ମଣ୍ଡଳ ମହେଶପୁରସ୍ଥ ଜୟନ୍ତୀଦେବୀ ଉପ୍ରା ବିଦ୍ୟାଳୟଠରେ ବିଶିପଦା ଓ ମହେଶପୁର ସାଧନ କେନ୍ଦ୍ର ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକ, ଶିକ୍ଷକ, ଶିକ୍ଷିକା ଓ ପ୍ରଶାସନିକ ଅଧିକାରୀଙ୍କ ଏକଦିବସୀୟ ସଞ୍ଚାର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଇତିଶ୍ରୀ ସ୍ୱାଇଁ, ସମିତି ସଭ୍ର ବେଣୁଧର ମୂଳିଆ, ପ୍ରାକ୍ତନ ବ୍ଲକ ଅଧକ୍ଷ ଗୁରୁଚରଣ ସ୍ୱାଇଁ, ଅ’ର୍ନିବେଶୀ ଶିକ୍ଷା ସଂଯୋଜକ ଚିତ୍ତରଂଜନ ପଣ୍ଡା, ସହ ଶିକ୍ଷାଧିକାରୀ ବ୍ରଜମୋହନ ଦାସ, ସିଆରସିସି ଭିକାରିଚରଣ ମହାଁ, ପରୱିନ ସାଲୋନୀ, ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରତାପଚନ୍ଦ୍ର ମହାପାତ୍ର, ଉପ୍ରା ସ୍କୁଲ ପ୍ରଧାନ ଶିକ୍ଷକ ଲକ୍ଷ୍ମିକା’ ମହାଁ, କମିଟି ସଭାପତି ଅଭୟକୁମାର ବୈଠାଲୁ, ନିରଂଜନ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ପ୍ରୟାସ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ସାଧନ କର୍ମୀ ମଂଜୁଲତା ଭୂୟାଁ, ତପସ୍ୱିନୀ ସାହୁ ଓ ବଂଶୀଧର ବେହହରା କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଭିନ୍ନକ୍ଷମ ସ୍ୱେଚ୍ଛାସେବୀ ଭୀମସେନ ଦାସ ଓ ବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ପାଲାକାର ସଂଘ କାର୍ଯ୍ୟକାରିଣୀ ବୈଠକ

ଫୁଲନଖରା (ପିଏନ୍)-ଶ୍ରୀଜଗନ୍ନାଥ ପାଲାକାର ମହାସଂଘ, ଓଡ଼ିଶାର କାର୍ଯ୍ୟକାରିଣୀ ବୈଠକ କୁରାଙ୍ଗଶାସନସ୍ଥ ଜଗନ୍ନାଥ ମନ୍ଦିରରେ ଉପଦେଷ୍ଟା ସୁରେନ୍ଦ୍ରନାଥ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବେଣୁଧର ଷଡ଼ଙ୍ଗୀଙ୍କ ମଙ୍ଗଳାଚରଣ ପାଠ ସହିତ ମହାସଂଘ ଉପଦେଷ୍ଟା ଅନକୁମାର ଜେନା, ବନମାଳି ପତି, ସଭାପତି ନିରନ ସ୍ୱାଇଁ, ସମ୍ପାଦକ ଦୁଷ୍ମ’କୁମାର ବେହେରା, କୋଷାଧକ୍ଷ ଶିବଶଙ୍କର ମହାରଣା, ଉପେନ୍ଦ୍ରନାଥ ମିଶ୍ର, ପ୍ରମୋଦ ପଟ୍ଟନାୟକ, ଆରତ ବାଲ, ବଂଶୀଧର ଦାସ, କୃପାସିନ୍ଧୁ ତ୍ରିପାଠୀ, ହେମନ୍ତ ବାରିକ, ଆନନ୍ଦ ମିଶ୍ର, ପ୍ରଦୀପ୍ତ ନାୟକ, ରାଜେଶ ବେହେରା ପ୍ରମୁଖ ଯୋଗଦେଇ ମହାସଂଘର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଆସନ୍ତା ଜାନୁଆରୀ ୬, ୭ ଓ ୮ ତାରିଖ ତିନିଦିନ ଧରି ମହାସଂଘର ବାର୍ଷିକ ସମାରୋହ ଆୟୋଜନ ନେଇ ସର୍ବସମ୍ମତଭାବେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ପୁଲିସ କବ୍‌ଜାରେ ଏଟିଏମ ଲୁଟେରା

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ନେଉଳପୁର ବଜାରରୁ ଏଟିଏମ ମେସିନ ଚୋରୀ ଘଟଣାରେ ପୁଲିସ ଲୁଟେରାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ଜଣାପଡିଛି। ଗତ ୨୪ ତାରିଖ ରାତିରେ ୧୬ ନେଉଳପୁର ବଜାରରେ ଥିବା ଏସବିଆଇ ଏଟିଏମ ମେସିନକୁ ଦୁର୍ବୃତମାନେ ତାଡି ନେଇଯାଇଥିଲେ। ୨୫ ତାରିଖ ସକାଳେ ଏ ସମ୍ପର୍କରେ ଜଣାପଡିବା ପରେ ଧର୍ମଶାଳା ପୁଲିସ ସେଠାରେ ପହଁଚି ସାଇନ୍‌ଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲା। ଲୁଟ ଏଟିଏମ ମେସିନରେ ୫ଲକ୍ଷ ୬୭ହଜାର ୫ଶହ ଟଙ୍କା ଥିବା ନେଇ ବ୍ୟାଙ୍କ କର୍ତୃପକ୍ଷ ଜଣାଇଥିଲେ। ଏହି ଚ୍ୟାଲେଂଜକୁ ଗ୍ରହଣ କରି ଏସପି ରାହୁଲ ପିଆରଙ୍କ ନିର୍ଦ୍ଦେଶକ୍ରମେ ଏଟିଏମ ଲୁଟେରାଙ୍କୁ ଧରିବା ପାଇଁ ପୁଲିସ ଏକ ବ୍ଲୁପ୍ରିଂଟ ପ୍ରସ୍ତୁତ କରିଥିଲା। ଏଟିଏମ ଲୁଟେରାଙ୍କୁ ଧରିବା ପାଇଁ ଯାଜପୁର ଜିଲ୍ଲାର ତିନିଜଣ ଥାନା ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ୬ଜଣ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏଟିଏମ ଲୁଟେରାଙ୍କଠାରୁ କିଛି ପରିମାଣର ଟଙ୍କା ଜବତ ହୋଇଥିବାବେଳେ ଏହି ଘଟଣାରେ ଅଧିକ ଦୁର୍ବୃତଙ୍କ ସମ୍ପୃକ୍ତି ଥିବାରୁ ପୁଲିସ ତଦନ୍ତ ଜାରି ରହିଥିବା ହେତୁ କୌଣସି ତଥ୍ୟ ଦେବାକୁ ଅମଙ୍ଗ ହୋଇଛି।

## ଆଇଜିକେ କରାଟେ ପକ୍ଷରୁ ବେଲ୍ଟ ପ୍ରଦାନ ସମାରୋହ

ପାରାଦୀପ (ପିଏନ୍)- ଇଂଟରନ୍ୟାସନାଲ ଗୋସୋ କରାଟେ ଡୋ ଆସୋସିଏସନ୍ (ଆଇଜିକେ) ଓଡିଶା ଶାଖା ପକ୍ଷରୁ ପାରାଦୀପର ଆମ୍ବେଦକର ପାର୍କ ପରିସରରେ ଗତ ରବିବାର ଅପରାହ୍ନରେ ବେଲ୍ଟ ପ୍ରଦାନ ସମାରୋହ ଆୟୋଜିତ ହୋଇଥିଲା। ଏହି ସମାରୋହରେ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ, ସଂଜୟ କୁମାର ମିଶ୍ର, ସ୍ୱାଧିନଚେତା ଦାସମହାପାତ୍ର, ଜଗନ୍ନାଥ ଶତପଥି, ଅବଦୁଲ ଆବିଦ୍ ଖାନ୍, ରଶ୍ମିରଂଜନ ରାଉତରାୟ, ଜ୍ଞାନରଂଜନ ଆଚାର୍ଯ୍ୟ, ସୁଦର୍ଶନ ସ୍ୱାଇଁ, ବିରଜା ସେଠୀ ପ୍ରମୁଖ ଯୋଗଦେଇ କରାଟେକାମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଆଇଜିକେ ଓଡିଶା ରାଜ୍ୟ ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସଂଜୟ ସାହା ବିଭିନ୍ନ ବର୍ଗର କରାଟେକାମାନଙ୍କୁ ବେଲ୍ଟ ପ୍ରଦାନ କରିଥିଲେ। ଏହି ଅବସରରେ ଶତାବ୍ଦୀ ହୋତା, ଉରସିତ ମଣ୍ଡଳ,ସୂର୍ଯ୍ୟ ପ୍ରକାଶ ପରିଡା,ଆଦିତି ପାଣିଗ୍ରାହୀ, ଓମ୍ ପ୍ରସାଦ ସାହୁ,ଏମ୍‌ଡି. ଜୁନେଦ ଖାନଙ୍କୁ ବ୍ଲାକ୍ ବେଲ୍ଟ ପ୍ରଦାନ କରାଯାଇଥିଲା।




# ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

ସୁବ୍ରତ କୁମାର ମହାନ୍ତି

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ । ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ । ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା । ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି । ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ । ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ । ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ । ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ । ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ । ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ପ୍ରେରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ ।

**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର



ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ । ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି । ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ । କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ । ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ । ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ । ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ । ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ । ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ । ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ । ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ



ବ୍ୟବହାର ଯୋଗ୍ୟ । ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ । ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ । ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍ । ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ । ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ । ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ । ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

# କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



ବିଜ୍ଞାନ ରଂଜନ ସାହୁ

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା





ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

କୃଷି ସ୍ନାତକୋତ୍ତର , ଓୟୁଏଟି

# ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



ବିଜ୍ଞାନ ମିହିର ରାଉତ

ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି । ଏହାର ମୂଳ ବାସସ୍ଥାନ ଆଫ୍ରିକା । ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା । କିନ୍ତୁ ଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା । ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା । ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି । ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ । ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ । ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି ।

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ । ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ । ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ । ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ । ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ । ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ । ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ । ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା । ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି ।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି । ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର । ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ । ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ । ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ । ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ । ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ । ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ । ସେହିପରି ଚୀନ୍, ମାଲେସିଆ ଓ ତିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ପିାକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଗନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଟି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ । ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି । ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ । ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ । ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ । ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ । ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ । ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି । ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ । ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ । କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ । ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି ।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ । କୃଷିର ବି୍ାଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି । ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ । ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ । କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି । ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି –ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence । ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି । ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ । ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି ।




# ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେଲେ ୧୮୫ ଉଚ୍ଚ ବିଦ୍ୟାଳୟ



ବାଲେଶ୍ୱର (ପିଏନ୍)-ଗତକାଲି ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଜିଲ୍ଲାର ତୃତୀୟ ପର୍ଯ୍ୟାୟରେ ୫-ଟି ଅନ୍ତର୍ଭୁକ୍ତ ୧୮୫ଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ସରକାରଙ୍କ ବହୁ ଉପାଦେୟ ୫-ଟି ଯୋଜନାର ଆଭିମୁଖ୍ୟ ତଥା ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟଗୁଡିକର ରୂପାନ୍ତରୀକରଣ ଉପରେ ଆଲୋକପାତ କରିଥିଲେ ।

ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ପରିବେଶ, ଇ-ପାଠାଗାର, ବିଜ୍ଞାନାଗାର, ସ୍ମାର୍ଟ ଶ୍ରେଣୀଗୃହ, ଖେଳପଡିଆ, ପାନୀୟ ଜଳର ବ୍ୟବସ୍ଥା ଏବଂ ଶୌଚାଳୟ ଇତ୍ୟାଦିକୁ ୫-ଟି ମାଧ୍ୟମରେ ଗୁରୁତ୍ୱ ଦେଇ ଶିକ୍ଷାଦାନର ମାନଦଣ୍ଡକୁ ଉନ୍ନତମାନର କରାଯାଇପାରିବ ବୋଲି ଶ୍ରୀ ଶିନ୍ଦେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପ୍ରତି ସମାଜର କର୍ତବ୍ୟ, ଦାୟିତ୍ୱ ଓ ଯୋଗଦାନ ପରସ୍ପରକୁ ନିକଟତର କରାଇବାର ପ୍ରୟାସ ୫-ଟି ଜରିଆରେ ହୋଇପାରିବ ଏବଂ ଆଗାମୀ ପିଢି ଶିକ୍ଷା କ୍ଷେତ୍ରରେ ନୂତନ ସୂର୍ଯ୍ୟୋଦୟ ଦେଖିବେ । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଶ୍ରୀ ଶିନ୍ଦେ ତାଙ୍କ ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ସାହୁ ଏହି ଅବସରରେ ୫-ଟି ଅନ୍ତର୍ଗତ ହାଇସ୍କୁଲ ରୂପାନ୍ତରଣରେ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ ।

ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁଚରଣ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଫକୀରମୋହନ ମେଡିକାଲ କଲେଜ ପ୍ରବନ୍ଧକ ଶ୍ରୀମତୀ ମନୋରମା ଭୂୟାଁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀବୃନ୍ଦ, ଗୋଷ୍ଠୀ ଶିକ୍ଷାଧିକାରୀବୃନ୍ଦ ଏବଂ ବାଲେଶ୍ୱର ଜିଲ୍ଲା 'ମୋ ସ୍କୁଲ' ଟିମର ସଂଯୋଜକ ଶ୍ରୀ ସନ୍ଦୀପ କୁମାର ଖଟୁଆ ଏବଂ ସଦସ୍ୟ ଶ୍ରୀ ଶାଶ୍ୱତ ମହାପାତ୍ର, ଶ୍ରୀ ନରେନ୍ଦ୍ର ଅଗସ୍ତି, ଶ୍ରୀ ଶିବନାରାୟଣ ମିଶ୍ର, ଶ୍ରୀ କମଳ ବିଶ୍ୱାଳ, ଶ୍ରୀ ପ୍ରଭାତ ମଣ୍ଡଳ ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ । ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଧରଣୀଧର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯାଇଥିଲା ।

# ଓମ୍‌ଫେଡ୍ କଲୋନୀକୁ ଜବରଦଖଲ କରିଛି କିଏ ?

ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ପଶୁରୋଗ ଗବେଷଣା କେନ୍ଦ୍ର (ଏଡିଆର୍‌ଆଇ) ଅଧୀନରେ ଥିବା ଓମ୍‌ଫେଡ କଲୋନୀରେ ଥିବା ସମୁଦାୟ କ୍ୱାର୍ଟରର ଅଧା ବାହାର ଲୋକଙ୍କ ଜବରଦଖଲରେ ରହିଛି । ସର୍ବମୋଟ ୯୪ଟି କ୍ୱାର୍ଟର ଥିଲାବେଳେ ସେଥିମଧ୍ୟରୁ ୨୬ଟି କ୍ୱାର୍ଟର ଏଡିଆର୍‌ଆଇ ବିଭିନ୍ନ କର୍ମଚାରୀମାନଙ୍କ ନାମରେ ଆଲଟମେଣ୍ଟ କରିଥିବାବେଳେ ୨୧ଟି କ୍ୱାର୍ଟର ଏଡିଆରଆଇ ଅଧିନରେ ରହିଛି । ୪୭ଟି କ୍ୱାର୍ଟରକୁ ବିଭାଗ ସହିତ ସଂପୃକ୍ତ ନଥିବା ବିଭିନ୍ନ ବ୍ୟକ୍ତିବିଶେଷମାନେ ଜୋରଜବରଦସ୍ତ ମାଡିବସି ରହିଛନ୍ତି । ବିଭାଗ ତରଫରୁ କ୍ୱାର୍ଟର ଛାଡିବା ପାଇଁ ବାରମ୍ବାର ନୋଟିସ ଜାରି ହୋଇଥିଲେ ମଧ୍ୟ ସେମାନେ କ୍ୱାର୍ଟର ନଛାଡି ବ୍ୟକ୍ତିଗତ ଭାବରେ ଗୃହ ସଂପ୍ରସାରଣ କରିବା ସହିତ ବିଦ୍ୟୁତ୍ ସଂଯୋଗ ନେଇ ରହୁଛନ୍ତି । ଉକ୍ତ କଲୋନୀ ପରିସରରେ ଏକ ମନ୍ଦିର ନିର୍ମାଣ କରିବାକୁ ଉଦ୍ୟମ କରୁଥିବାବେଳେ ବିଭାଗ ତରଫରୁ କଟକ ସଦର ଥାନାରେ ଅଭିଯୋଗ କରାଯାଇ ମନ୍ଦିର ନିର୍ମାଣକୁ ବନ୍ଦ ରଖାଯାଇଥିବା ଜଣାପଡିଛି । କଲୋନୀଟି ବହୁ ପୁରାତନ ହୋଇଥିବାରୁ ଗୃହଗୁଡିକ ବିପଦସଂକୁଳ ଅବସ୍ଥାରେ ଅଛି । ବିଭାଗ ତରଫରୁ ୨୦୧୯ ମସିହା ଡିସେମ୍ବର ମାସ ୧୬ ତାରିଖରେ ଆର. ଆଣ୍ଡ୍ ବି.ର ଏକ୍‌ଜିକ୍ୟୁଟିଭ ଇଂଜିନିୟରଙ୍କୁ ଗୃହଗୁଡିକର ସ୍ଥିତି ଯାଞ୍ଚ ପାଇଁ ଚିଠି କରାଯାଇଥିଲା । କିନ୍ତୁ ତାହା ଏପର୍ଯ୍ୟନ୍ତ କରାଯାଇପାରିନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । କଟକ ଉପଜିଲ୍ଲାପାଳ ଚିଠି ନଂ ୩୩୪୫/୧୧.୩.୨୦ରେ ଏଡିଆର୍‌ଆଇର ଯୁଗ୍ମ ନିର୍ଦ୍ଦେଶକଙ୍କୁ କଲୋନୀରୁ ଜବରଦଖଲ ଉଚ୍ଛେଦ ପାଇଁ ଚିଠି କରିଥିଲେ । ବିଭାଗ ତରଫରୁ ଚିଠି ନଂ ୮୬୪/୨୦.୩.୨୦ରେ ଡେପୁଟି କମିଶନର ପୋଲିସ୍‌ଙ୍କୁ ଜବରଦଖଲ ଉଚ୍ଛେଦରେ ସହଯୋଗ କରିବା ପାଇଁ ଚିଠି ଲେଖି ଅନୁରୋଧ କରିଥିଲେ କି ୨୪.୩.୨୦୨୦ରେ କଲୋନୀରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ । ଏହାଭିତରେ ଦୀର୍ଘ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ କ'ଣ ପାଇଁ ଓ କାହା ସ୍ୱାର୍ଥରେ କଲୋନୀକୁ ଉଚ୍ଛେଦ କରାଯାଉନାହିଁ ତାହା ବୁଝାପଡୁନାହିଁ । ବାହାର ଲୋକ ରହିବା ଫଳରେ ସଂପୃକ୍ତ କଲୋନୀ ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

# ପତ୍ନୀର ଅଶ୍ଳୀଳ ଫଟୋ ଭାଇରାଲ କରି ସ୍ୱାମୀ ଗିରଫ

କେନ୍ଦ୍ରାପଡ଼ା (ପିଏନ୍): ପତ୍ନୀର ଅଶ୍ଳୀଳ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ କେନ୍ଦ୍ରାପଡା ଟାଉନ୍ ଥାନା ପୋଲିସ ସ୍ୱାମୀକୁ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ପ୍ରଶାନ୍ତ ପ୍ରଧାନ। ଅଭିଯୁକ୍ତ ସ୍ୱାମୀର ଘର ମହାକାଳପଡ଼ା ବ୍ଲକର ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ଏକଲପୁର ଗ୍ରାମରେ। ପ୍ରଶାନ୍ତ ବନ ବିଭାଗରେ ଚାକିରି କରୁଛନ୍ତି ବୋଲି କହି ବିବାହ କରିଥିଲେ। କିନ୍ତୁ ପତ୍ନୀ ଜାଣିବାକୁ ପାଇଥିଲେ ଯେ ସେ ଯେଉଁ ଚାକିରି କହି ବିବାହ କରିଛନ୍ତି ପ୍ରକୃତରେ ସେ ସେହି ଚାକିରି କରିନାହାଁନ୍ତି। ବାଧ୍ୟହୋଇ ପତ୍ନୀ ଶାଶୁଘରେ ରହିଥିଲେ। ଗତ କିଛିଦିନ ଧରି ପତ୍ନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଉଥିଲେ ପ୍ରଶାନ୍ତ। ଏଥିସହ ପିଲାମାନଙ୍କୁ ମଧ୍ୟ ମାରଧର କରୁଥିଲେ। ବାଧ୍ୟହୋଇ ପତ୍ନୀ କେନ୍ଦ୍ରାପଡା ସହରର ଗୋପରେ ପିଲାଙ୍କୁ ଧରି ଏକ ଭଡ଼ାଘରେ ରହିଥିଲେ। କିନ୍ତୁ ପ୍ରଶାନ୍ତ ଗୋପସ୍ଥିତ ଭଡ଼ାଘରକୁ ଯାଇ ପିଲାଙ୍କୁ ମାରଧର କରିବା ସହ ପତ୍ନୀଙ୍କୁ ମଧ୍ୟ ମାରଧର କରିଥିଲେ। ଏହାକୁ ବିରୋଧ କରିବାରୁ ପତ୍ନୀଙ୍କ ଅଶ୍ଳୀଳ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲେ। ଫଳରେ ପତ୍ନୀ ଏଥିନେଇ କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଗତ ଜୁଲାଇ ମାସ ୨ ତାରିଖରେ ୧୧୯/୨୦୨୨ରେ ଏକ ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଥିଲା। ଶୁକ୍ରବାର ତାଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି ଯେ ପତ୍ନୀଙ୍କ ଅଭିଯୋଗ ଆଧାରରେ ସ୍ୱାମୀଙ୍କୁ ଗିରଫ କରାଯାଇଛି ।

# ସମ୍ମାନଜନକ ନୀଳିମାରାଣୀ ସାହିତ୍ୟ ସମ୍ମାନ ୨୦୨୫ ପାଇବେ ଡକ୍ଟର ଜ୍ଞାନେଶ୍ୱର ମୁଳେ



ଭୁବନେଶ୍ୱର (ପି.ଏନ):ସନାତନ ମହାକୁଡ଼ ।ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସର୍ବଭାରତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ବିଶିଷ୍ଟ ମରାଠୀ ସାହିତ୍ୟିକ ଡକ୍ଟର ଜ୍ଞାନେଶ୍ୱର ମୁଳେଙ୍କୁ ସମ୍ମାନଜନକ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ପ୍ରକାଶ ଯୋଗ୍ୟ ଯେ, ୨୦୧୯ ମସିହାରୁ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଅବସରରେ ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇ ଆସୁଛି । ବର୍ତ୍ତମାନ ଏହା ଗୋଟିଏ ମର୍ଯ୍ୟାଦାଜନକ ସାହିତ୍ୟ ସମ୍ମାନ ଭାବରେ ସାରା ଦେଶରେ ପ୍ରତିଷ୍ଠା ଲାଭ କରିଛି । ଡକ୍ଟର ଜ୍ଞାନେଶ୍ୱର ମୁଳେ ଜଣେ ସାହିତ୍ୟିକ, ସ୍ତମ୍ଭକାର ଓ ଭାଷାବିତ୍ ଭାବେ ଅନେକ ସମ୍ମାନର ଅଧିକାରୀ । ସଂସ୍କୃତ, ମରାଠୀ, ହିନ୍ଦି, ଇଂରାଜୀ, ଜାପାନୀ, ଋଷୀୟ ଓ କନ୍ନଡ ଭାଷାରେ ଦକ୍ଷତା ରହିଛି ତାଙ୍କର ଏବଂ ସେ ବିଭିନ୍ନ ଭାଷାରେ ୧୫ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି । ତାଙ୍କର ପୁସ୍ତକଗୁଡିକ ମଧ୍ୟରେ 'ମାଟି ପଙ୍ଖ ଆଣି ଆକାଶ' ବହୁଳ ଲୋକପ୍ରିୟ । ଏହି ପୁସ୍ତକଟି ଜଲଗାଓଁର ଉତ୍ତର ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟ ଏବଂ କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟରେ ପାଠ୍ୟକ୍ରମରେ ସାମିଲ ହୋଇଯାଇଛି । ଏହି ପୁସ୍ତକକୁ ନେଇ ପ୍ରସ୍ତୁତ ବୃତ୍ତଚିତ୍ର 'ଜିପସି' କ୍ଷୁଦ୍ର ପ୍ରମାଣିକ ଚିତ୍ର ଫେଷ୍ଟିଭାଲରେ ସ୍ୱତନ୍ତ୍ର ଜୁରୀ ସମ୍ମାନ ହାସଲ କରିଛି । ଏଭଳି ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୫' ପ୍ରଦାନ ଅବସରରେ ବହୁ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି ।ସମ୍ମାନ ସ୍ୱରୂପ ତାଙ୍କୁ ୧୦ଲକ୍ଷ ଟଙ୍କାର ଅର୍ଥରାଶି ସମେତ ରୌପ୍ୟ ଫଳକ, ମାନପତ୍ର ଓ ଉପଢୌକନ ତାଙ୍କୁ କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ କାଦମ୍ବିନୀ ପତ୍ରିକା ହାଟରେଆସନ୍ତା ଜାନୁଆରୀ ୫ ତାରିଖ, ରବିବାର ,ସକାଳ ୯.୩୦ ସମୟରେ କିଟ୍ ଅଡିଟୋରିଅମ, କ୍ୟାମ୍ପସ- ୬ ଠାରେ ପ୍ରଦାନ କରାଯିବ।


## DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ମହିଳା ଗୋଷ୍ଠୀ ପକ୍ଷରୁ ବଡ଼ଦାଣ୍ଡରେ ପିଠା ବିତରଣ

ଫୁଲନଖରା (ପିଏନ୍)- ମା' ମହାଲକ୍ଷ୍ମୀ ମହିଳା ମିଶନ ଶକ୍ତି ସଂଗଠନ ପକ୍ଷରୁ ପୁରୀ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ବିଭିନ୍ନ ପ୍ରକାର ପିଠା ଯଥା: ମଣ୍ଡା, ଏଣ୍ଡୁରୀ, ଚିତଉ ଓ କାକରା ଆଦି ବିତରଣ ହୋଇଥିଲା। ରଥଯାତ୍ରା ଅବସରରେ କଟକ ମହାନଗର ନିଗମ ଅନ୍ତର୍ଗତ ଜୋବ୍ରା ଅଞ୍ଚଳର ଏହି ଅଗ୍ରଣୀ ସଂଗଠନ ଆନୁକୂଲ୍ୟରେ ୫କ୍ୱିଣ୍ଟାଲ ପରିମାଣ ଚାଉଳର ପିଠା ଭକ୍ତଙ୍କୁ ଦିଆଯାଇଛି। ସଂଘ ସଭାନେତ୍ରୀ ଡଃ. ପ୍ରଣତୀ ମହାପାତ୍ର ଓ ସମ୍ପାଦିକା କଳ୍ପନା ପାଣିଙ୍କ ନେତୃତ୍ୱରେ ରେଣୁବାଳା ରାଉତ, ମୀନାକ୍ଷୀ ପଟ୍ଟନାୟକ, ଗୀତାଂଜଳି ମିଶ୍ର, ସଂଘମିତ୍ରା ବାରିକ, ନିର୍ମଳା କୁମାରୀ ପାତ୍ର, ସୁଚିତ୍ରା ମିଶ୍ର, ବିନିତା ରାଉତ ଓ କ୍ଷଣପ୍ରଭା ବାରିକଙ୍କ ସମେତ ଶତାଧିକ ମହିଳା ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଓଡ଼ିଶାରେ ପାଳିତ ବିଭିନ୍ନ ପର୍ବପର୍ବାଣିରେ ଏହି ସଂଗଠନ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାର ବସ୍ତି ଅଞ୍ଚଳରେ ପିଠାପଣା ଆଦି ବଣ୍ଟନ କାର୍ଯ୍ୟ ଦୀର୍ଘ ବର୍ଷ ଧରି ହୋଇଆସୁଛି।

# ପାରାଦୀପ ବନ୍ଦର ଶ୍ରମିକ ୟୁନିୟନର ୩୮ତମ ବାର୍ଷିକ ସମ୍ମିଳନୀ

ପାରାଦୀପ (ପିଏନ୍)-ପାରାଦୀପ ବନ୍ଦର ଶ୍ରମିକ ୟୁନିୟନର ୩୮ତମ ବାର୍ଷିକ ସମ୍ମିଳନୀ ମଧୁବନସ୍ଥିତ ୟୁନିୟନ ପରିସରରେ ଆୟୋଜିତ ହୋଇଯାଇଛି । ବରିଷ୍ଠ ଶ୍ରମିକ ନେତା ଅଜେୟ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବର୍ଷୀୟାନ କୃଷକ ନେତା ସଚ୍ଚିକାନ୍ତ ପାଣି, ୟୁନିୟନର ସାଧାରଣ ସମ୍ପାଦକ ନିମାଇଁ ଚରଣ ବରାଳ ପ୍ରମୁଖ ଯୋଗଦେଇ ଜାତି, ଧର୍ମ, ବର୍ଣ୍ଣ ଓ ଅଂଚଳ ନାମରେ ଶ୍ରମିକ ଶ୍ରେଣୀକୁ ଭାଗ ଭାଗ କରି ଦେଶର ଶାସକ ଗୋଷ୍ଠୀ ଶ୍ରମିକ ଶୋଷଣ ନୀତି ବିରୁଦ୍ଧରେ ଶ୍ରମିକ ଶ୍ରେଣୀ ସଚେତନ ଏବଂ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଆଗାମୀ ବର୍ଷ ନିମନ୍ତେ ଅଜେୟ ରାଉତ ସଭାପତି, ନିମାଇଁ ଚରଣ ବରାଳ ସାଧାରଣ ସମ୍ପାଦକ, ଅଜୟ କୁମାର ବେହେରା ସହ-ସାଧାରଣ ସମ୍ପାଦକ, କୁଶ ଚରଣ ସୂତାର ଉପସଭାପତି ଏବଂ ଅଜୟ କୁମାର ସାହୁ କୋଷାଧ୍ୟକ୍ଷଙ୍କ ସମେତ ୧୮ ଜଣ କର୍ମକର୍ତା ଏବଂ ୪୯ ଜଣିଆ କାର୍ଯ୍ୟକାରୀ କମିଟି ସଭ୍ୟ ନିର୍ବାଚିତ ହୋଇଛନ୍ତି । ଏହି ସମ୍ମିଳନୀରେ ଶତାଧିକ ବନ୍ଦର ଶ୍ରମିକ ଓ କର୍ମଚାରୀ ଯୋଗ ଦେଇଥିଲେ ।

# ନାବାଳକକୁ ଇଟାଭାଟିରେ ଖଟାଇ ନିର୍ଯ୍ୟାତନା

କେନ୍ଦ୍ରାପଡ଼ା (ପିଏନ୍): ଜନୈକ ନାବାଳକକୁ ଏକ ଇଟାଭାଟିରେ ଖଟାଇବା ସହ ତାକୁ ନିର୍ଯ୍ୟାତନା ଦିଆଯିବା ନେଇ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଅଭିଯୋଗ ପରେବି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ନେଇ ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ଗୁଲୁଦିଆ ଗ୍ରାମର ଅଜାମିଳ କାମିଲାଙ୍କ ପତ୍ନୀ କବିତା କାମିଲା ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ନାବାଳାକ ସାନପୁଅ ଗୌତମ କାମିଲାକୁ ସେହି ଗ୍ରାମର କୃତିବାସ ସରକାର ନେଇ ତାଙ୍କ ଇଟାଭାଟି ଏବଂ ଟ୍ରାକ୍ଟରରେ ଶ୍ରମିକ ଭାବରେ ଖଟାଉଥିଲେ। ଏ ସମ୍ପର୍କରେ କୃତିବାସ ଗୌତମର ପିତାମାତାଙ୍କୁ କିଛି ଜଣାଇନଥିଲେ। ଗତ ଜୁନ ମାସ ୩୦ତାରିଖରେ, କୃତିବାସ ତାଙ୍କ ପୁଅ ଏବଂ ପତ୍ନୀ ଗୌତମକୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରୁଥିବା ସମ୍ପର୍କରେ ଖବର ପାଇ ଗୌତମର ମା' କବିତା କାମିଲା, ବାପା ଅଜାମିଳ କାମିଲା ଓ ବଡଭାଇ ଉତମ କାମିଲା ଘଟଣାସ୍ଥଳରେ ପହଞ୍ଚି ଗୌତମକୁ ନମାରିବା ପାଇଁ କୃତିବାସଙ୍କୁ ନିବେଦନ କରିବାରେ ସେମାନେ କବିତାଙ୍କୁ ଗାଳିଗୁଲଜ କରି ଧକ୍କା ତଣ୍ଟିଆ ମାରି ସେ ପିନ୍ଧିଥିବା ଲୁଗାଟିକୁ ଟାଣି ଚିରି ଦେବା ସହ କବିତାଙ୍କୁ ଜୀବନରେ ମାରିଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ଏଥିସହିତ ତାଙ୍କ ସ୍ୱାମୀ ଓ ବଡପୁଅ ଉତମକୁ ମାଡମାରି ତା'ଠାରୁ ଏକ ମୋବାଇଲ ଫୋନ ଓ ସୁନା ଲକେଟ ଛଡାଇନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତନ୍ତିଆପାଳ ଥାନାରେ କବିତା ଲିଖିତ ଅଭିଯୋଗ କରିଥିଲେ ବି ପୋଲିସ ରାଜନୈତିକ ଚାପର ବଶବର୍ତୀ ହୋଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା କବିତା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଚଉଦକୁଲାଟ ଶ୍ରୀଦଧିବାମନଜୀୟୁଙ୍କ ମନ୍ଦିରରୁ ଚୋରି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ତଥା ଚଉଦକୁଲାଟ ଫାଣ୍ଡି ଅନ୍ତର୍ଗତ ତମାଳଶାସନସ୍ଥିତ ଶ୍ରୀଦଧିବାମନଜୀୟୁଙ୍କ ମନ୍ଦିରରୁ ଶ୍ରୀଜୀୟୁଙ୍କ ଚଳନ୍ତି ପ୍ରତିମାକୁ କେହି ଚୋରି କରି ନେଇଥିବା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ ହୋଇଛି। ଗତ ୫ବର୍ଷ ଭିତରେ ଏହା ଦ୍ୱିତୀୟ ଥର ଚୋରି ହୋଇଛି। ଅଷ୍ଟଧାତୁରେ ନିର୍ମିତ ଶ୍ରୀଦଧିବାବନଜିୟୁଙ୍କ ଚଳନ୍ତି ପ୍ରତିମାକୁ କେହି ଦୁର୍ବୃତ ଚୋରି କରି ନେଇଯାଇଛି। ଗତ ୨୦୧୭ ମସିହାରେ ଚୋରି ହୋଇଯାଇଥିବା ବିଗ୍ରହ ସ୍ଥାନରେ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ନୂତନ ପ୍ରତିମା ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଏହାର ୧୫ମାସ ପରେ ଚୋରି ହୋଇଯାଇଥିବା ପ୍ରତିମା ଏକ ପରିତ୍ୟକ୍ତ ସ୍ଥାନରୁ ମିଳିବା ପରେ ଏକ ଆଧ୍ୟାତ୍ମିକ ପରିବେଶରେ ସେହି ପ୍ରତିମାକୁ ମନ୍ଦିରକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇ ଆସୁଥିଲା । କେହି ଦୁର୍ବୃତ ମନ୍ଦିର ପରିବେଶ ଶୁନଶାନ ହେବା ପରେ ମନ୍ଦିର ଗ୍ରୀଲର ତାଲା ଭାଙ୍ଗି ୨ଟି ଚଳନ୍ତି ବିଗ୍ରହକୁ ଚୋରିକରି ନେଇଯାଇଛି । ଚଉଦକୁଲାଟ ଫାଣ୍ଡି ତଥା ପଟ୍ଟାମୁଣ୍ଡାଇ ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ତମାଳଶାସନର ଶ୍ରୀଦଧିବାମନଜୀୟୁ ଓଡିଶା ସରକାରଙ୍କ ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ମନ୍ଦିର ପରିସରରେ ସିସି କ୍ୟାମେରା ଲଗାଇବା ପାଇଁ ଓ ଚୋରକୁ ଧରାଯାଇ କଠିନ ଦଣ୍ଡ ବିଧାନ କରାଯିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# ପାରାଦୀପରେ ନିଟ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ

ପାରାଦୀପ (ପିଏନ୍)-ପାରାଦୀପ ଠାରେ ପ୍ରଥମ ଥର ପାଇଁ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍ ଅନୁଷ୍ଠିତ ହୋଇଥିଲା । ଚଳିତ ମାସ ୧୭ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ପାରାଦୀପଠାରେ ଏହି ପ୍ରବେଶିକା ପରୀକ୍ଷା ନିଟ୍-୨୦୨୨ ଜାତୀୟ ପରୀକ୍ଷଣ ସଂସ୍ଥା (ଏନଟିଏ) ଦ୍ୱାରା ସୂଚାରୁରୂପେ ପରିଚାଳିତ ହୋଇଯାଇଛି । ଏହି ଜାତୀୟସ୍ତରର ପ୍ରବେଶିକା ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ପାଇଁ ସର୍ବମୋଟ ୭୦୬ ଜଣ ଛାତ୍ରଛାତ୍ରୀ ପଂଜିକୃତ ହୋଇଥିବା ସ୍ଥଳେ ୬୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଜଗତସିଂହପୁର ପବ୍ଲିକ୍ ସ୍କୁଲ୍‌ଠାରେ ୨୦୨ ଜଣ, ପାରାଦୀପ ପୋର୍ଟ ଡି.ଏ.ଭି. ସ୍କୁଲରେ ୩୬୦ ଜଣ ଓ ପିପିଏଲ୍ ଡି.ଏ.ଭି. ପବ୍ଲିକ୍ ସ୍କୁଲରେ ୧୪୪ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା । ତେବେ ଜିଲ୍ଲାରେ ପ୍ରଥମ ଥର ପାଇଁ ନିଟ୍ ପ୍ରବେଶିକା ପରୀକ୍ଷା ଆୟୋଜିତ ହୋଇଥିବାରୁ ଆଗାମୀ ଦିନ ପାଇଁ ବିଭିନ୍ନ ଜାତୀୟ ପରୀକ୍ଷା ଏହି ଜିଲ୍ଲାରେ ହେବା ପାଇଁ ପଥ ସୁଗମ ହୋଇଛି । ଏହି ପରୀକ୍ଷାକୁ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।




## ବ୍ରହ୍ମାକୁମାରୀସ୍ ଓମ୍ ନିବାସରେ ୪୮ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି

ଭୁବନେଶ୍ୱର,(ପି.ଏନ) : ବ୍ରହ୍ମାକୁମାରୀଜ୍, ଓମ୍ ନିବାସର ୪୮ତମ ବାର୍ଷିକ ଉତ୍ସବ ପାଳନ ତା ୨୧.୦୧.୨୦୨୪ରିଖ ରବିବାର ରିଜିଓନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍, ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ପ୍ରଥମେ ସ୍ୱାଗତ ଗୀତ ବି.କେ. ଭାନୁଲତା ଓ ସ୍ୱାଗତ ନୃତ୍ୟ ପ୍ରାଚୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ତା'ପରେ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଭିଡ଼ିଓ ପ୍ରଦର୍ଶନୀ ମାଧ୍ୟମରେ ବାର୍ଷିକ ରିପୋର୍ଟର ବିବରଣୀ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଶ୍ରୀଯୁକ୍ତ ଅରବିନ୍ଦ ଢାଲି, ମାନ୍ୟବର ଜୟଦେବ ବିଧାୟକ, ମୁଖ୍ୟବକ୍ତା ଭାବେ ମାଉ ଆବୁର ଆସିଥିବା ବରିଷ୍ଠ ରାଜଯୋଗୀ ବ୍ରହ୍ମାକୁମାର ଆତ୍ମପ୍ରକାଶ ଭାଇ ଯୋଗଦେଇ ସଂସ୍ଥା ଦ୍ୱାରା ପ୍ରଦ ରାଜଯୋଗର ମହ ୍ୱକୁ ପ୍ରତିବାଦିତ



କରିଥିଲେ ଓ ରାଜଯୋଗ ମେଡିଟେସନ୍‌ର ଅନୁଭୂତି କରାଇଥିଲେ । ସମ୍ମାନନୀୟ ଅତିଥି ଭାବେ ଲୋକାୟୁକ୍ତ ସଭ୍ୟ ଶ୍ରୀଯୁକ୍ତ ଦେବବ୍ରତ ସ୍ୱାଇଁ, ଲୋକାୟୁକ୍ତ ଇନ୍‌କ୍ୱାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ତ୍ରିଲୋଚନ ପ୍ରଧାନ (ଆଇ.ଏ.ଏସ୍.), ରିଜିଓନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍‌ର ପ୍ରିନ୍ସିପାଲ୍ ପ୍ରଫେସର ପି.ସି. ଅଗରୱାଲ୍ ଓ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଶ୍ରୀଯୁକ୍ତ ଯୁଗଳ କିଶୋର ସାହୁ ଯୋଗଦେଇ ସଂସ୍ଥାର ବିଶ୍ୱବ୍ୟାପୀ ସେବା ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ ସହରର ବିଭିନ୍ନ ପ୍ରାନ୍ତରୁ ବ୍ରହ୍ମାକୁମାରୀ ଭାଇ ଓ ଭଉଣୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଏତଦ୍‌ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛୋଟ ଛୋଟ ଶିଶୁ କଳାକାରମାନେ ନିଜର ନୃତ୍ୟ ପରିବେଷଣ କରି ସମସ୍ତଙ୍କର ମନ ମୁଗ୍ଧ କରିଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ମୁଖ୍ୟ ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ଗୀତା ଭଉଣୀ । ଏତଦ୍‌ବ୍ୟତୀତ ନ୍ୟାସ୍‌ନାଲ୍ କାମ୍ପେନିଙ୍ଗ୍ "ୟୁଥ୍ ଇଣ୍ଡିଆ ହେଲ୍‌ଦି ଇଣ୍ଡିଆ"ର ଶୁଭାରମ୍ଭ କରାଯାଇଥିଲା । ଏଥିରେ ପ୍ରାୟ ୧୦୦ ଜଣ ଯୁବା ଭାଇ ଭଉଣୀ ଯୋଗ ଦେଇଥିଲେ ।

## ଶ୍ରୀ ରାମକୃଷ୍ଣ ସେବାଶ୍ରମ ପକ୍ଷରୁ କଳ୍ପତରୁ ଦିବସ ଆୟୋଜିତ

ଖୋର୍ଦ୍ଧା ,(ପି.ଏନ): ରିପୋର୍ଟ- ସନାତନ ମହାକୁଡ଼ । ଆସନ୍ତା ଜାନୁଆରୀ ୧ ତାରିଖ ବୁଧବାର ଦିନ ଠାକୁର ଶ୍ରୀରାମକୃଷ୍ଣ ପରମହଂସଙ୍କ 'କଳ୍ପତରୁ ଉତ୍ସବ' ସକାଳ ୯ ଘଟିକାଠାରୁ ଶ୍ରୀରାମକୃଷ୍ଣ ସେବାଶ୍ରମ ଟିକାତାଳରେ ପାଳିତ ହେବ। ପ୍ରକାଶ ଯୋଗ୍ୟ ଯେ ୧୮୮୬ ମସିହା ଇଂରାଜୀ ନୂଆବର୍ଷର ପ୍ରଥମ ଦିବସରେ ପ୍ରଭୁ ଭାବାବେଶରେ କଳ୍ପତରୁ ରୂପରେ ଅବତୀର୍ଣ୍ଣ ହୋଇ ଉପସ୍ଥିତ ଭକ୍ତମାନଙ୍କର ମନୋବାଞ୍ଛା ପୂରଣ କରିଥିଲେ। 'ସମସ୍ତଙ୍କର ଚୈତନ୍ୟ ହେଉ' ବୋଲି ଆଶୀର୍ବାଦ କରିଥିଲେ। ସେହି ଦିବସର ସ୍ମୃତିରେ ରାମକୃଷ୍ଣ ସଂଘରେ 'କଳ୍ପତରୁ ଦିବସ' ପାଳିତ ହୋଇଆସୁଛି। ଆଶ୍ରମରେ ଇଂରାଜୀ ନବବର୍ଷର ପ୍ରଥମ ଦିନରେ ଜପ, ଧ୍ୟାନ, ଭଜନ, କୀର୍ତ୍ତନ, ଆଧ୍ୟାତ୍ମିକ ସାଧନା ମଧ୍ୟରେ କଟାଇବା ନିମନ୍ତେ ସପରିବାର ଆପଣ ଉପସ୍ଥିତି ପ୍ରଦାନ କରି ପ୍ରଭୁକୃପା ଲାଭ କରିବା ନିମନ୍ତେ ଆଶ୍ରମର ପକ୍ଷରୁ ଅନୁରୋଧ କରାଯାଇଛି।


**SALE NOTICE**

2 nos. of 22 Rifle of Talcher Rifle Clube will be sold by action on date 01.01.2025 at 11 am only

Valid license holder will be allowed to bid for further details please contact Mob no. 9437155569


## ରକ୍ତଦାନ ମହାସେବାର ଜାଗ୍ରତ ପ୍ରହରୀ : ଇଂ.ବିମଳ ଚନ୍ଦ୍ର ଦାସ

ଫୁଲନଖରା,(ପି.ଏନ) : ରାଜ୍ୟର ଅଗ୍ରଣୀ ସାମାଜିକ ସଙ୍ଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ,ଓଡ଼ିଶା(ବିସିଟି) ପ୍ରତିଷ୍ଠାତା ସଂପାଦକ ବିଶିଷ୍ଟ ସମାଜସେବୀ ଇଂ.ବିମଳ ଚନ୍ଦ୍ର ଦାସ ଯେକି ଯାଜପୁର ବରୀ ମାଟିର କୃତୀ ସନ୍ତାନ ୪୫ ବର୍ଷ ବୟସରେ ୬୭ ଥର ରକ୍ତଦାନ କରି ରକ୍ତଦାନ ଆନ୍ଦୋଳନର ଏକ କ୍ରାନ୍ତିକାରୀ ବଳିଷ୍ଠ ଆହ୍ୱାନ ସୃଷ୍ଟି କରିଛନ୍ତି । ସେ



ଜଣେ ପ୍ରେରଣାଦାୟୀ ଓ ଉଦାହରଣୀୟ ବ୍ୟକ୍ତିତ୍ୱ । ଟ୍ରଷ୍ଟ ଜରିଆରେ ଅସହାୟ ଲୋକମାନଙ୍କ ସେବା,କର୍କଟ ରୋଗୀଙ୍କୁ ସେବା ସହଯୋଗ,ରକ୍ତଦାନ ଶିବିର,ଅଙ୍ଗଦାନ ସଚେତନତା, ପରିବେଶ ସୁରକ୍ଷା,କମ୍ବଳ ଓ ଖାଦ୍ୟ ବଣ୍ଟନ,ନିୟମିତ ଏସସିବି କଟକ ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ରୋଗୀ ମାନଙ୍କୁ ରକ୍ତ ଯୋଗାଇ ଦିଆଯାଉଛି । ସେ ନିଜ ଜନ୍ମ ଦିନ ଓ ବିବାହ ବାର୍ଷିକରେ ରକ୍ତଦାନ ଶିବିର ଆୟୋଜନ କରନ୍ତି ଯାହା କି ନିଆରା ସେବା । ବିସିଟିର ଜାତୀୟ ଚେତନାଧର୍ମୀ ବାର୍ତ୍ତା ହେଉଛି 'ଆମକୁ ରକ୍ତ ଦିଅ ଆମେ ତମକୁ ଜୀବନ ଦାନ କରିବୁ' ।

## ଗାନ୍ଧୀଙ୍କ ରାମ ପୁସ୍ତକ ଲୋକାର୍ପିତ ହେଲା ମାଷ୍ଟର କ୍ୟାଣ୍ଟିନରେ

ଭୁବନେଶ୍ୱର,(ପି.ଏନ): ଅଯୋଧ୍ୟାରେ ଆଜି ରାମ ମନ୍ଦିରରେ ରାମଲାଲାଙ୍କ ମୂର୍ତ୍ତି ସ୍ଥାପିତ ହେବା ସମୟରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଗାନ୍ଧୀବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଲିଖିତ ଗାନ୍ଧୀଙ୍କ ରାମ ପୁସ୍ତକ ଲୋକାର୍ପିତ ହୋଇଯାଇଛି । ବିଶିଷ୍ଟ ଗାନ୍ଧୀବାଦୀ ଡାକ୍ତର ବିଶ୍ୱଜିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ କହିଲେ ଯେ, ରାମ ଭାରତୀୟ ମାନଙ୍କର ଆରାଧ୍ୟ । ଭାରତୀୟମାନଙ୍କର ହୃଦୟରେ ସେ ଥାଆନ୍ତି । ମହାତ୍ମା ଗାନ୍ଧୀ ରାମଙ୍କର ଜଣେ ସଚ୍ଚା ଭକ୍ତ । ଜୀବନବ୍ୟାପୀ ରାମାୟଣ, ରାମନାମ, ରାମଧୂନ ଜପ କରି ରାମରାଜ୍ୟ ପାଇଁ ସଂଗ୍ରାମ କରୁଥିବା ମହାତ୍ମା ଗାନ୍ଧୀ ଗୁଳିବିଦ୍ଧ ଅବସ୍ଥାରେ ସୁଦ୍ଧା ହେ ରାମ କହି ସେ ଯେ, ରାମଙ୍କର ଅନନ୍ୟ ଭକ୍ତ ତାହା ପ୍ରମାଣ କରିପାରିଛନ୍ତି । ଗାନ୍ଧୀଜୀ ସବୁ ଧର୍ମକୁ ଏକ ଦୃଷ୍ଟିରେ ଦେଖୁଥିଲେ । ଆଲ୍ଲା, ଯୀଶୁ ଓ ରାମଙ୍କ ମଧ୍ୟରେ ସେ କୌଣସି ଫରକ ଦେଖୁନଥିଲେ । ଭାରତ ବର୍ଷ ସମ୍ବିଧାନ ଆଧାରରେ ଚାଲୁଥିବା ବେଳେ, ଭାରତର ପ୍ରଧାନମନ୍ତ୍ରୀ ରାମମନ୍ଦିର ପ୍ରତିଷ୍ଠା ଆଳରେ ରାମଙ୍କର ରାଜନୀତିକରଣ କରିବା ଗ୍ରହଣୀୟ ନୁହେଁ । ଧର୍ମ ଆଚରଣ ଏକ ବ୍ୟକ୍ତିଗତ ବିଚାର ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଓ ଭାରତୀୟ ଜନତା ପାର୍ଟି ତଥା ଅନ୍ୟ ହିନ୍ଦୁତ୍ୱବାଦୀ ସଙ୍ଗଠନମାନେ ଏହାକୁ ଏକ ନିର୍ବାଚନୀ ଅସ୍ତ୍ର ରୂପେ ବ୍ୟବହାର କରିବା ଭାରତୀୟ ଗଣତନ୍ତ୍ର ପ୍ରତି ବିପଦ ବୋଲି ସଭାରେ ଉପସ୍ଥିତ ଆଧ୍ୟାତ୍ମିକ ଦର୍ଶନର ଲେଖକ ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଫେସର ବିରେନ୍ଦ୍ର ନାୟକ, ପ୍ରଫେସର ମନୋରଞ୍ଜନ ମହାନ୍ତି, ବିଜୟ କୁମାର ତ୍ରିପାଠୀ, ଅରୁଣ କୁମାର ଜେନା, ସଙ୍ଘମିତ୍ରା ଜେନା, ସଂଗ୍ରାମ ମାଝି ପ୍ରମୁଖ କହିଥିଲେ ।ସଭା ପ୍ରାରମ୍ଭରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ତଥା ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତିଙ୍କ ନେତୃତ୍ୱରେ ସର୍ବ ଧର୍ମ ପ୍ରାର୍ଥନା ଆୟୋଜିତ କରାହୋଇଥିଲା।

## ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଳତରେ ଫଇସଲା ସରି ନିଷ୍ପ ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ

## ଅବ୍ୟବସ୍ଥା ଘେରରେ ତୁକଲା ଷ୍ଟେଟ ବ୍ୟାଙ୍କ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାର ବୃହ ମ ଗ୍ରାମ ତୁକଲା । ଏହି ଗ୍ରାମ ଉପରେ ଶତାଧିକ ଗ୍ରାମର ଲୋକେ ନିର୍ଭର କରନ୍ତି । ତୁକଲାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ସମିତି ସହ ଷ୍ଟେଟ ବ୍ୟାଙ୍କ ରହିଛି । ଲେଣ ଦେଣ ସୁବିଧା ଦୃଷ୍ଟିରୁ ଅଧିକାଂଶ ଲୋକଙ୍କ ଷ୍ଟେଟ ବ୍ୟାଙ୍କରେ ଉକାଉ ରହିଛି କିନ୍ତୁ ଆବଶ୍ୟକ କର୍ମଚାରୀ ଅଭାବରୁ ଲୋକେ ଠିକ ଭାବରେ ସୁବିଧାସୁଯୋଗ ପାଇପାରୁ ନାହାନ୍ତି । ନିୟମ ଅନୁଯାୟୀ ଶାଖା ପରିଚାଳକଙ୍କ ସହ ୩ ଜଣ ଷ୍ଟାଫ ରହିବା କଥା କିନ୍ତୁ ଶାଖା ପରିଚାଳକ ଏବଂ ଜଣେ ଫିଲ୍‌ଡ ଅଫିସର ଅଛନ୍ତି । ଏଇ କିଛି ଦିନ ତଳେ କ୍ୟାସିଅର ଜଣକ ଇସ୍ତଫା ଦେଇ ଅନ୍ୟ ବ୍ୟାଙ୍କରେ ଯୋଗ ଦେଇଛନ୍ତି । ଫଳରେ ଜଣେ କର୍ମଚାରୀରେ କାର୍ଯ୍ୟକାରିବା ସଫଳ ହୋଇପାରୁନାହିଁ । ଲୋକେ ମଧ୍ୟ ବହୁତ ହଇରାଣ ହରକତ ହେଉଛନ୍ତି । ଲୋକେ ଟଙ୍କା ଡିପୋଜିଟ କିମ୍ବା ଉଠାଣ ସକାଶେ ଘ । ଘ । ଜଗି ରହୁଥିବା ବେଳେ ପାସବୁକ ପ୍ରି ମଧ୍ୟ ହୋଇ ପାରୁନାହିଁ । ଯାହାଫଳରେ ଅନେକ ନିରକ୍ଷର ଲୋକେ ତାଙ୍କ ଏକାଉ ରେ କେତେ ଟଙ୍କା ଅଛି ଜାଣି ପାରୁନାହାନ୍ତି । ଫଳରେ ଏଠାରେ ଆଉ ୨ ଜଣ ଷ୍ଟାଫ ଦେବା ପାଇଁ ଲୋକେ ଦାବୀ କରିଛନ୍ତି । ଏନେଇ ଶାଖା ପରିଚାଳକ ସୌମ୍ୟ ରଞ୍ଜନ ଦାଶଙ୍କୁ ପଚାରିବାରୁ କର୍ମଚାରୀ ଅଭାବକୁ ସ୍ୱିକାର କରିଥିଲେ କିନ୍ତୁ କୌଣସି କାର୍ଯ୍ୟ ଏଥିପାଇଁ ଅଟକୁ ନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ତୁକଲା ଠାରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ ଗତ ୭/୮ ମାସ ହେବ ବନ୍ଦ ରହିଛି । ଯାହାଦ୍ୱାରା ଏଟିଏମ ଥିବା ଲୋକେ ଖଡିଆଳ କିମ୍ବା ସିନ୍ଧେକେଲାକୁ ଯାଇ ଟଙ୍କା ଉଠାଣ କରୁଛନ୍ତି । ବ୍ୟାଙ୍କ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ କର୍ମଚାରୀ ଯୋଗାଣ ସହ ଏଟିଏମକୁ ସଚଳ କରିବାକୁ ସାଧାରଣରେ ଦାବୀ ହେଉଛି ।

## ସାମ୍ବାଦିକ ସୁବାଶିଷ ପାଢ଼ୀଙ୍କ ମାଆ ନିଶାଖା ପାଢ଼ୀଙ୍କ ପରଲୋକ

ସମ୍ବଲପୁର,(ପି.ଏନ):ପ୍ରଗତିବାଦୀ ର ସମ୍ବଲପୁର ଜ଼ିଲ୍ଲା ପ୍ରତିନିଧି ସାମ୍ବାଦିକ ସୁବାଶିଷ ପାଢ଼ୀ (ପିଣ୍ଟୁ) ଙ୍କ ମାଆ ନିଶାଖା ପାଢ଼ୀ (୮୮) ଙ୍କ ଆଜି ଅପରାହ୍ନ ରେ ପରଲୋକ ହୋଇଯାଇଛି। ଶ୍ରୀମତୀ ନିଶାଖା ପାଢ଼ୀ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗ ରେ ପୀଡ଼ିତ ହୋଇ ମହାନଗର ନିଗମ ୱାର୍ଡ ନଂ ୪୦ ଅନ୍ତର୍ଗତ ରାସନପୁର ଗ୍ରାମ ସ୍ଥିତ ନିଜ ବାସଭବନରେ ଥିଲେ ଓ ଆଜି ଅପରାହ୍ନ ରେ ଏହି ଦୁଃଖଦ ଖବର ଗ୍ରାମରେ ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଶୁଭେଚ୍ଛୁ ରାସନପୁର ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ଓ ମୃତ୍ୟୁ ଶଯ୍ୟା ନିକଟରେ ୨ ପୁଅ ହରି ଶଙ୍କର , ସାମ୍ବାଦିକ ସୁବାଶିଷ, ୩ ଝିଅ ଲକ୍ଷ୍ମୀପ୍ରିୟା, ବିଷ୍ଣୁ ପ୍ରିୟା, ସୁପ୍ରିୟା, ବୋହୂ,



ନାତି ନାତୁଣୀ ଓ ଜ୍ଞାତି କୁଟୁମ୍ବ ମାନେ ଉପସ୍ଥିତ ଥିଲେ ଓ ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ମାନେଶ୍ୱର ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଥିଲା ଓ ପୁଅ ସୁବାଶିଷ ପାଢ଼ୀ ମୁଖାଗ୍ନି ଦେଇଥିଲେ। ଏହି ଦୁଃଖଦ ଖବର ରେ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଯାଇଛି ଓ ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଶିବ ଶଙ୍କର ନନ୍ଦ, ପ୍ରିୟ ରଞ୍ଜନ ସାହୁ,ଓଜେୟୁ ଜ଼ିଲ୍ଲା ସାଧାରଣ ସମ୍ପାଦକ ସରୋଜ ସାହୁ, ବିଶିଷ୍ଟ ଚାଷୀ ନେତା ହରି ଶଙ୍କର ପୁରୋହିତ, ସଂଜିପ ପାଣିଗ୍ରାହୀ, ବିଶ୍ୱ ରଞ୍ଜନ ସାହୁ, ଫକିର ପାଣିଗ୍ରାହୀ, ରିକୁ ବେହେରା, ଜୟନ୍ତ ପ୍ରଧାନ, ସମ୍ପୂର୍ଣ୍ଣ ନନ୍ଦ ସାହୁ, ରଶ୍ମି ରଞ୍ଜନ ହୋତା, କିଶୋର ହୋତା ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ଅନ୍ତିମ ଦର୍ଶନ କରିଥିଲେ ଓ ସାମ୍ବାଦିକ ସୁବାଶିଷ ପାଢ଼ୀ ଙ୍କ ମାତା ନିଶାଖା ପାଢ଼ୀ ଙ୍କ ବିୟୋଗ ରେ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜ଼ିଲ୍ଲା ଶାଖା ସଭାପତି ହିମାଂଶୁ ଶେଖର ମିଶ୍ର, କାର୍ଯ୍ୟକାରୀ ସଭାପତି ସୁକାନ୍ତ କର, ସଂଘ ର ପଶ୍ଚିମ ଓଡିଶା ପ୍ରାନ୍ତୀୟ ସମ୍ପାଦକ ରମାକାନ୍ତ ବିଶ୍ୱାଲ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗ ଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ଓ




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Speciaö discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Saturday December 28 ଭୁବନେଶ୍ୱର ଶନିବାର, ଡିସେମ୍ବର ୨୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## କିମ୍ସରେ ଲାଗିଲା ଅତ୍ୟାଧୁନିକ କାର୍ଡିଆକ୍ ଲେଜର ମେସିନ୍

### ଜଟିଳ ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ପୂର୍ବ ଭାରତରେ ପ୍ରଥମ ପ୍ରୟାସ



ଭୁବନେଶ୍ୱର,(ପି.ଏନ): ଜଟିଳ ହୃଦ୍‌ରୋଗର ସରଳ ଚିକିତ୍ସା ପାଇଁ କିମ୍ସରେ ଆରମ୍ଭ ହୋଇଛି କାର୍ଡିଆକ୍ ଲେଜର ମେସିନ୍ ଜରିଆରେ ରୋଗୀ ସେବା। ଜଟିଳରୁ ଜଟିଳତମ ହୃଦ୍‌ରୋଗ ଚିକିତ୍ସା ପାଇଁ ସମଗ୍ର ପୂର୍ବ ଭାରତରେ ପ୍ରଥମ ଥର ଲାଗି କିମ୍ସରେ ଏଭଳି ଯନ୍ତ୍ର ସ୍ଥାପନା କରାଯାଇଛି। ଏହାକୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ଉଦ୍‌ଘାଟନ କରିଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ କିମ୍ସ ଏକ ଉଦାହରଣ ସୃଷ୍ଟି କରିଛି। ଏହି ଲେଜର ମେସିନ୍ ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ହୃଦ୍‌ରୋଗୀମାନେ ବିଶେଷ ଉପକୃତ ହୋଇପାରିବେ। ପାରମ୍ପରିକ ଆଞ୍ଜିଓପ୍ଲାଷ୍ଟି ଦ୍ୱାରା ଚିକିତ୍ସା ହୋଇପାରୁନଥିବା କରୋନାରୀ ଓ ପେରିଫେରା ଆଥେରେକ୍ଟୋମି, ଲିଡ୍ ମ୍ୟାନେଜମେଣ୍ଟ ଭଳି ଜଟିଳ ହୃଦ୍‌ଯନ୍ତ୍ର ସମସ୍ୟା ଏହି ଲେଜର ମେସିନ୍ ଜରିଆରେ ଚିକିତ୍ସା ହୋଇପାରୁଛି। ଏ ନେଇ କିମ୍ସର ବରିଷ୍ଠ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡା. ଅନୁପମ ଜେନା କହିଛନ୍ତି ଏହା ଦ୍ୱାରା ଆମେ ଅତ୍ୟାଧୁନିକ ହୃଦ୍‌ରୋଗ ଚିକିତ୍ସା ଯୋଗାଇ ଦେଇପାରୁଛୁ। ଏଭଳି ଚିକିତ୍ସା ପୂର୍ବରୁ ଆମ ରାଜ୍ୟରେ ସମ୍ଭବ ହୋଇପାରୁ ନଥିଲା। ରୋଗୀର ଆର୍ଟେରୀରେ ବ୍ଲକେଜ୍ କିମ୍ବା ପେସ୍‌ମେକର୍ ଲିଡ ରିମୁଭାଲ ଭଳି ଜଟିଳ ପ୍ରକ୍ରିୟା ଏବେ ସହଜରେ ହୋଇପାରୁଛି। ମାତ୍ର ୨୦ରୁ ୩୦ ସେକେଣ୍ଡ ମଧ୍ୟରେ ଏହି ଲେଜର ମେସିନ୍ କମ୍ ବୟସର ରୋଗୀଙ୍କୁ ହୃଦ୍ ସମସ୍ୟାରୁ ମୁକ୍ତ କରିପାରୁଛି।କିମ୍ସ ହୃଦ୍‌ରୋଗ ବିଭାଗ ମୁଖ୍ୟ ଡା. ଶୁଭାଶିଷ ମିଶ୍ର କହିଛନ୍ତି ଏହି ଯନ୍ତ୍ର ଦ୍ୱାରା ରକ୍ତ ଜମାଟ ଓ ବ୍ଲକେଜ ଆଦି ସମସ୍ୟା ଅତି ସହଜରେ ସମାଧାନ ହୋଇପାରୁଛି। ଏହା ସହିତ ଜଟିଳ କରୋନାରୀ ହୃଦରୋଗର ଚିକିତ୍ସା କରିବା ସହ ରୋଗୀଠାରେ ଥିବା ଷ୍ଟେଣ୍ଟ ଜନିତ ବିପଦରୁ ହ୍ରାସ କରିଥାଏ। ସୂଚନାଯୋଗ୍ୟ, କିମ୍ସ ପ୍ରଦ୍ୟୁମ୍ନ ବଳ ମେଡିକାଲ୍‌ରେ ହୃଦ୍‌ରୋଗ ବିଭାଗରେ ସର୍ବାଧୁନିକ ଯନ୍ତ୍ରପାତି ସହ ଅତ୍ୟାଧୁନିକ, ଦକ୍ଷ ଓ ଉଚ୍ଚ ତାଲିମ ପ୍ରାପ୍ତ ବିଶେଷଜ୍ଞଙ୍କ ଦ୍ୱାରା ହୃଦ୍‌ରୋଗ ଚିକିତ୍ସା କରାଯାଇଥାଏ। ଡା ଅନୁପମ ଜେନା, ଡା ଶୁଭାଶିଷ ମିଶ୍ର, ଡା ପଞ୍ଚାନନ ସାହୁ ଡ. ଚନ୍ଦନ କୁମାର ରାୟମହାପାତ୍ରଙ୍କ ଭଳି ଅନୁଭବୀ ଡାକ୍ତରମାନେ ରୋଗୀସେବା ଯୋଗାଇ ଦେଉଛନ୍ତି।

## ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ : ମୌଲାନା ଅତାଉଲ ମୁଜିବ ଲୋନ



ଭୁବନେଶ୍ୱର,(ପି.ଏନ): ଶଭକ୍ତି,ପବିତ୍ରତା,ସଂଯମତା,ସଦଭାବନା,ଓ ଭାଇଚ଼ାରା ପ୍ରତିଷ୍ଠା କରିବା, ସମାଜରେ ସଭ୍ୟ ମଣିଷ ଗଢିବା, ମଣିଷକୁ ପ୍ରଭୁ ଭକ୍ତ ବନାଇବା ତଥା ଏକ ସୁଖ-ଶାନ୍ତ ରାଷ୍ଟ୍ର ଗଠନ କରିବା, ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ । ଏହି ସମ୍ମିଳନୀ ଦ୍ୱାରା ବିଶ୍ୱଶାନ୍ତି, ବିଶ୍ୱ ଭାଇଚ଼ାରା ପ୍ରତିଷ୍ଠା ହୋଇଥାଏ । ଏହି ସମ୍ମିଳନୀ ପ୍ରାୟ ୧୩୩ ବର୍ଷ ପୂର୍ବ ୧୮୯୧ ମସିହାରେ ଅହମଦୀୟ ମୁସଲିମ ସମ୍ପ୍ରଦାୟର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠା କରା ଯାଇଥିଲା । ଏହି ଭଳି ମତାମତ ଦେଖିବାକୁ ମିଳିଛି କାଦିଆନ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ । ତ୍ରିଦିବସୀୟ କାଦିଆନର ୧୨୯ ତମ ସର୍ବଧର୍ମ ଶାନ୍ତି ସମ୍ମିଳନୀ ଆରମ୍ଭ ହୋଇଛି । ଏହି ଉଦଘାଟନୀ ଉତ୍ସବରେ ସଭାପତି ସଦର ଅଞ୍ଜୁମନ ଅହମଦୀୟାର ମୌଲାନା ମୁହମ୍ମଦ କରିମୁଦ୍ଦିନ ଶାହିଦ ପୌରୋହିତ୍ୟ କରିଥିଲେ । ସଭାକାର୍ଯ୍ୟ ପବିତ୍ର କୋରାନ ପାଠ ସହ ଆରମ୍ଭ ହୋଇଥିଲା । ମୌଲବି ନସରୁମିନଲ୍ଲାଃ ଉରଦ୍ଧୁ ନଜମ ସଂଗୀତ ପଢ଼ିଥିଲେ । ପ୍ରଥମ ଅଧିବେଶନର ପ୍ରଥମ ବକ୍ତା ଭାବେ ଅହମଦୀୟା କେନ୍ଦ୍ରୀୟ ପ୍ରଚ଼ାର ବିଭାଗର ସଚ଼ିବ ମୌଲାନା ମୁହମ୍ମଦ ହମିଦ କୌସର ଯୋଗଦେଇ ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ କହିଲେ କି ସର୍ବଶକ୍ତିମାନ ଅଲ୍ଲାଃ ଭକ୍ତଙ୍କ ଭକ୍ତିକୁ ବହୁତ ଭଲ ପାଆନ୍ତି । ଭକ୍ତର ଆକୁଳ ପ୍ରାର୍ଥନାକୁ ଶୁଣନ୍ତି ଏବଂ ତଦନୁଯାୟୀ ତାକୁ ଗ୍ରହଣ କରିଥାନ୍ତି । ଭକ୍ତର ଭକ୍ତିରେ ବହୁତ ଶକ୍ତି ଥାଏ । ନିର୍ମଳ ହୃଦୟରେ ଓ ଆକୁଳ- ବ୍ୟକୁଳ ହୋଇ ଭକ୍ତି କଲେ ହିଁ ଈଶ୍ୱର ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଥାଏ । ଦ୍ୱିତୀୟ ବକ୍ତା ଭାବେ ଯୋଗଦେଇ ଜାମିଆ ଅହମଦୀୟାର ପ୍ରଧାନ ଅଧାପକ ମୌଲାନା ଅତାଉଲ ମୁଜିବ ଲୋନ କହିଲେ, ଇସଲାମ ଏକ ସମ୍ପୂର୍ଣ୍ଣ ଧର୍ମ । ଜୀବନ ଶୈଳୀର ସମସ୍ତ ପ୍ରକାର ଆଦର୍ଶ ଶିଖାଇଥାଏ । ଜନ୍ମ ହେବା ଠାରୁ ନେଇ ମୃତ୍ୟୁ ପର୍ଯ୍ୟନ୍ତର ସମସ୍ତ ପର୍ଯ୍ୟାୟରେ ଏକ ଆଦର୍ଶବାଦୀ ହେବାର ଶିକ୍ଷା ଦେଇଥାଏ । ଖାଇବା-ପିଇବା, ପରିଷ୍କାର-ପରିଚ୍ଛନ୍ନ ରହିବା,ରାସ୍ତା-ଘାଟର ନିୟମ ପାଳନ କରିବା, ସଂଯମତା ରକ୍ଷା କରିବା, ସଭା-ସମିତିର ମହାନତା ଏବଂ ଉପାସନା ଗୃହର ମର୍ଯ୍ୟାଦା ବିଷୟରେ ସାରଗର୍ଭକ ମତାମତ ରଖିଥିଲେ ।ଶୁକ୍ରବାର ଜୁମା ଖୁତବା ପ୍ରବଚ଼ନ ଓ ନମାଜ ପାଠ ମୌଲାନା ସୟଦ କଲିମୁଦ୍ଦିନ ପାଠ କରାଇଥିଲେ ।ଦ୍ୱିତୀୟ ଅଧିବଶନରେ ମୁଖ୍ୟ ବକ୍ତା ଭାବେ ଅହମଦୀୟା ମୁସଲିମ ସଂଗଠନର ମୁଖ୍ୟ ସଚ଼ିବ ମୌଲାନା ମୁହମ୍ମଦ ଇନାମ ଘୋରୀ କହିଲେ ପୈଗମ୍ବର ମୁହମ୍ମଦ ଥିଲେଦ, କରୁଣାର ସାଗର । ଜୀବନର ସବୁ କ୍ଷେତ୍ରରେ ତାଙ୍କର ଆଦର୍ଶ ବିରଳ । ସେ ଜଣେ ଆଦର୍ଶବାଦୀ ମହାପୁରୁଷ ଥିଲେ । ଦ୍ୱିତୀୟ ବକ୍ତା ଭାବେ ଯୋଗଦେଇ ଅହମଦୀୟା ପ୍ରକାଶନୀର ଉପସଚ଼ିବ ମୌଲାନା ତନୱିର ଅହମଦ ନାସିର ପୈଗମ୍ବର ମୁହମ୍ମଦ ଓ ହଜରତ ମିର୍ଜା ଗୁଲାମ ଅହମଦଙ୍କ ସହପାଠି ହଜରତ ହମଜାଃ ଓ ହଜରତ ମିର୍ଜା ଶରିଫ ଅହମଦଙ୍କ ଜୀବନାଦ୍ରଶ ବିଷୟରେ ଆଲୋକପାତ କରିଥିଲେ । ଏହି ସର୍ବଧର୍ମ ଶାନ୍ତି ସମ୍ମିଳନୀ ଆଉ ଦୁଇ ଧରି ଚ଼ାଲୁ ରହିବ ବୋଲି କମିଟି ତରଫରୁ ସୂଚ଼ନା ମିଳିଛି ।

## ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ସ୍ୱର୍ଗତ ଡଃ ମନମୋହନ ସିଂହଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,(ପି.ଏନ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ବିଶିଷ୍ଟ ଅର୍ଥନୀତିଜ୍ଞ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ଡଃ ମନମୋହନ ସିଂହଙ୍କ ବିୟୋଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ପୂର୍ବତନ ବିଧାୟକ ଶ୍ରୀ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ଡଃ ସିଂହଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ଜଣାଇ ବରିଷ୍ଠ କଂଗ୍ରେସ ନେତା ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ରାମଚନ୍ଦ୍ର ଖୁଂଟିଆ, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ପଞ୍ଚାନନ କାନୁନ୍‌ଗୋ ଶିବାନନ୍ଦ ରାୟ, ଶରତ ରାଉତ ଓ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ନିଜ ବକ୍ତବ୍ୟରେ କହିଲେ ଯେ ସ୍ୱର୍ଗତ ମନମୋହନ ସିଂହ ଜଣେ ଉଚ୍ଚକୋଟିର ଅର୍ଥନୀତିଜ୍ଞ ଥିଲେ। ସେ ଭାରତର ପ୍ରଧାନମନ୍ତ୍ରୀ ଥିବା ସମୟରେ ଭାରତର ଅର୍ଥନୀତିକୁ ବ୍ୟବସ୍ଥିତ ଓ ସୁଦୃଢ଼ କରିଥିଲେ। ଖାଦ୍ୟ ନିରାପତ୍ତା ଆଇନ, ସୂଚନା ଅଧିକାର ଆଇନ, ଆଧାର କାର୍ଡ଼, ମହାତ୍ମାଗାନ୍ଧୀ ନରେଗା ପ୍ରଭୃତି ଯୋଜନା ପ୍ରଣୟନ କରି ଦେଶକୁ ପ୍ରଗତି କ୍ଷେତ୍ରରେ ବହୁ ଆଗକୁ ନେଇପାରିଥିଲେ। ସେ ଦୁର୍ନୀତି ଠାରୁ ବହୁ ଉର୍ଦ୍ଧ୍ୱରେ ଥିଲେ। ଜଣେ ଅତ୍ୟନ୍ତ ଅମାୟିକ ଭଦ୍ର ଓ ଦୂରଦ୍ରଷ୍ଟା ରାଜନୀତିଜ୍ଞ ଭାବରେ ସେ ଜଣାଶୁଣା ଥିଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସମୀର କୁମାର ରାଉତରାୟ, ସୁରେନ୍ଦ୍ର ପରମାଣିକ, କିଶୋର ଜେନା, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାଶ, ଚିନ୍ମୟ ପ୍ରସାଦ ବେଉରା, ରଜନୀ ମହାନ୍ତି, ତରୁଣ ମିଶ୍ର, ବିଶ୍ୱଜିତ୍ ଦାଶ, ରଞ୍ଜିତ ପାତ୍ର, ଶ୍ରୀନିବାସ ରାଉତରାୟ, ମିହିର ଆଚାର୍ଯ୍ୟ, ନଜିବୁର ରହମାନ ଖାଁ, ଉଦ୍ଦିତ ପ୍ରଧାନ, ସୁଶାନ୍ତ ତ୍ରିପାଠୀ, ବିଷ୍ଣୁ ଚରଣ ବାରିକ, ପ୍ରଶାନ୍ତ ଶତପଥି, ରାଜକିଶୋର ବାରିକ, ଆଲୋକ ମହାନ୍ତି, ପ୍ରଭାତ ପ୍ରତାପ ସିଂ, ସନ୍ତୋଷ ଜେନା, ସୁବ୍ରତ ମହାପାତ୍ର, ସିଦ୍ଧାର୍ଥ ରାଉତରାୟ, ଜୟକୃଷ୍ଣ ସୁବୁଦ୍ଧି, ପ୍ରଶାନ୍ତ ଚମ୍ପତି, ଜ୍ୟୋତିଷ ସାହୁ, ନିରଞ୍ଜନ ନାୟକ, ପ୍ରସନ୍ନ ନାୟକ, ରଞ୍ଜିତା ହେମ୍ବ୍ରମ୍ ଓ ଶ୍ରୀୟାସ୍ମିତା ପଣ୍ଡା ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏହି ଶୋକ ସଭାରେ ଉପସ୍ଥିତ ରହି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୋର୍ଟଟ୍ରଷ୍ଟ ହାଇସ୍କୁଲ ୧୯୮୧ ମାଟ୍ରିକ ବ୍ୟାଚ଼ର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ



ପାରାଦୀପ,(ପି.ଏନ):ପ୍ରତିବର୍ଷ ପରି ପୋର୍ଟ ହାଇ ସ୍କୁଲ ୧୯୮୧ ବ୍ୟାଚ଼ର ବନ୍ଧୁ ମିଳନ ଉତ୍ସବ ଡିସେମ୍ବର ୨୫ ତାରିଖ ବୁଧବାର ଦିନ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ୧୯୮୧ ବ୍ୟାଚ଼ର ବନ୍ଧୁ ବାନ୍ଧବୀ ମାନେ ପ୍ରତି ବର୍ଷ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ନିରନ୍ତର ଭାବରେ ଆୟୋଜନ କରୁଛନ୍ତି ଯାହାକି ଅନ୍ୟ ମାନଙ୍କ ପାଇଁ ଉଦାହରଣ । ଏ ବର୍ଷ ବନ୍ଧୁ ମାନେ ପ୍ରତିକୂଳ ପାଗ ସତ୍ତ୍ୱେ ପାରାଦୀପ ଠାରେ ସ୍କୁଲ ପରିସରରେ ଏକତ୍ରିତ ହୋଇ ସ୍କୁଲ ଜୀବନର ସ୍ମୃତିକୁ ରୋମନ୍ତନ କରିଥିଲେ । ପ୍ରାୟତଃ ୬୦ଟି ବସନ୍ତକୁ ପାର୍ କରିଥିବା ବନ୍ଧୁ ଓ ବାନ୍ଧବୀ ମାନେ ନିଜ ପରିବାର ସହିତ ପାରାଦୀପ କେବଳ ବନ୍ଧୁ ମିଳନକୁ ଉପଭୋଗ କରିବାକୁ ଆସିନଥିଲେ ବରଂ ସେମାନଙ୍କର ଏହି ମିଳନଉତ୍ସବ ଅତୀତର ସ୍ମୃତି ମନେ ପକାଇଛି ।ଏବଂ ସେମାନଙ୍କ ପିଲା ମାନଙ୍କୁ ଏକ ନିବିଡ ସମ୍ପର୍କର ଲାଭ ସମ୍ବନ୍ଧରେ ଶିକ୍ଷା ଦେଇଥିଲା ଓ ସେମାନଙ୍କର ଗୁରୁକୂଳର ମହତ୍ତ୍ୱ ସମ୍ବନ୍ଧରେ ମଧ୍ୟ ସୂଚ଼ାଇ ଦେଇଥିଲା । ଏହା ଭିତରେ କିଛି ବନ୍ଧୁ ବାନ୍ଧବୀ ନାତି ନାତୁଣୀ ଦେଖି ସାରିଥିଲେ ମଧ୍ୟ ବନ୍ଧୁ ମିଳନରେ ସେମାନଙ୍କ ମଧ୍ୟରେ ଯୁବ ସୁଲଭତା ବାରି ହୋଇ ପଡୁଥିଲା । ଏହିଁ ବନ୍ଧୁ ମିଳନରେ ପିଲାମାନେ ଗୁରୁକୁଳର ପରମ୍ପରାକୁ ଭୁଲି ନ ଯାଇ ପୁରତନ ଗୁରୁ ରବି ସ୍ୱାଇଁ, ଗୌରାଙ୍ଗ ଦାସ, ବିପିନ ତ୍ରିପାଠୀ, ବର୍ତ୍ତମାନର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ଦାସ ଓ ଶଙ୍କର ଚ଼ରଣ ଖୁଣ୍ଟିଆଙ୍କୁ ଏହି ଅବସରରେ ନିଜ ମଧ୍ୟରେ ସାମିଲ କରିଥିଲେ ଓ ଗୁରୁ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ଆଶୀର୍ବାଦ ଭିକ୍ଷା କରିଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଧୁ ମିଳନରେ ରହି ସନ୍ଧ୍ୟା ବେଳକୁ ଫେରିବା ପୂର୍ବରୁ ବନ୍ଧୁ ବାନ୍ଧବୀ ମାନେ ପରସ୍ପରକୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଆସନ୍ତା ବର୍ଷ ସମ୍ଭାବନାର ବର୍ଷ ହେଉ ଆଶା କରିଥିଲେ ଓ ଆସନ୍ତା ବର୍ଷ ପୁଣି ଥରେ ଏକାଠି ହେବାର ପ୍ରତିଶ୍ରୁତି ଦେଇ ଲୋତକ ଭରା ଆଖିରେ ପରସ୍ପରକୁ ବିଦାୟ ଦେଇଥିଲେ । ବିଦାୟ ନେଲାବେଳେ ସତେ ଯେପରି ସେମାନେ ଅନିଚ୍ଛା ସତ୍ତ୍ୱେ ବିଦାୟ ନେଉଛନ୍ତି ଜଣାପଡୁଥିଲା । ପାରାଦୀପଠାରେ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ନିରୋଜ ପଟ୍ଟନାୟକ, ରାମ ଚ଼ନ୍ଦ୍ର ସ୍ୱାଇଁ, ଲଳିତ ସ୍ୱାଇଁ, ବିଜୟ ମଲ୍ଲିକ, ପ୍ରଦୀପ ମିତ୍ର, ନିରାକାର ନାଥ, ବଦ୍ରି ମହାପାତ୍ର, ସନ୍ତୋଷ ମିଶ୍ର, ଜୟଦେବ ମିର୍ଦ୍ଧା ଆଦି ବନ୍ଧୁ ମାନେ ଆୟୋଜନ କରିଥିଲେ ।







Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray